ସାପ୍ତାହିକ
ଶ୍ରୀ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 10 | 05 - 11 March 2023 | Sambalpur | Page- 8 | Invitation Price Rs.10

## ଡକ୍ଟର ଶ୍ରୀନିବାସ ଉଦ୍‌ଗାତା ପାଇବେ ସାହିତ୍ୟ ଭାରତୀ ସମ୍ମାନ

କଟକ : ବିଶିଷ୍ଟ ସାହିତ୍ୟିକ ତଥା ଚିତ୍ରଶିଳ୍ପୀ ପଦ୍ମଶ୍ରୀ ଡକ୍ଟର୍ ଶ୍ରୀନିବାସ ଉଦ୍‌ଗାତାଙ୍କୁ ଚଳିତବର୍ଷ ପାଇଁ ମର୍ଯ୍ୟାଦାଜନକ 'ସାହିତ୍ୟ ଭାରତୀ ସମ୍ମାନ-୨୦୨୩' ପ୍ରଦାନ କରାଯିବ । ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେସନ୍ ଦ୍ୱାରା ପ୍ରଦତ୍ତ ଏହି ସମ୍ମାନ ସ୍ୱରୂପ ଶ୍ରୀ ଉଦ୍‌ଗାତାଙ୍କୁ ଏକ ଲକ୍ଷ ଟଙ୍କା, ଉପାୟନ ସହ କୋଣାର୍କର ଏକ ରୌପ୍ୟ



ପ୍ରତିକୃତି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବ । ଆସନ୍ତା ୧୯ ତାରିଖ ଦିନ କଟକରେ ଏକ ସ୍ୱତନ୍ତ୍ର ଉତ୍ସବରେ ଶ୍ରୀ ଉଦ୍‌ଗାତାଙ୍କୁ ଏହି ପୁରସ୍କାର ଦିଆଯିବ । ଚଳିତବର୍ଷର ସାହିତ୍ୟ ଭାରତୀ ସମ୍ମାନର ପ୍ରାପକ ବିଶିଷ୍ଟ କବି, ନାଟ୍ୟକାର ତଥା ଚିତ୍ରଶିଳ୍ପୀ ଡକ୍ଟର ଶ୍ରୀନିବାସ ଉଦ୍‌ଗାତାଙ୍କ ଜନ୍ମ ୧୯୩୫ ମସିହାରେ । ସାରସ୍ୱତ ଯାତ୍ରାରେ ସେ କବି ଭାବରେ ଖ୍ୟାତି ଅର୍ଜନ କରିଥିଲେ ମଧ୍ୟ ଅଦ୍ୟାବଧି ୩୨୩ ଖଣ୍ଡ ପୁସ୍ତକ ରଚନା କରିବା ସହିତ ଅନେକ ଅନୁବାଦ କାମ କରିଛନ୍ତି । ସାହିତ୍ୟର ବିଭିନ୍ନ ବିଭାଗରେ ତାଙ୍କ ସ୍ୱାକ୍ଷର ଉଜ୍ଜ୍ୱଳ । ତାଙ୍କ ରଚିତ ଦୁଇଟି ଗଳ୍ପ ଟେଲିଫିଲ୍ମ ଭାବରେ ମଧ୍ୟ ପ୍ରସାରିତ ହୋଇଛି । ଚିତ୍ରକଳା କ୍ଷେତ୍ରରେ ମଧ୍ୟ ତାଙ୍କର ସୁନାମ ରହିଛି । ପୂର୍ବରୁ ଶ୍ରୀ ଉଦ୍‌ଗାତା କେନ୍ଦ୍ର ସାହିତ୍ୟ ଏକାଡେମିର ଅନୁବାଦ ପୁରସ୍କାର, ଇନଫାର ସାରଳା ପୁରସ୍କାର, କୋଲକାତାର ବିଦ୍ୟାସାଗର ସମ୍ମାନ ପାଇଛନ୍ତି ।

## ତ୍ରିପୁରା, ନାଗାଲାଣ୍ଡରେ ଏନଡିଏ: ମେଘାଳୟରେ ଝୁଲା

ନୂଆଦିଲ୍ଲୀ : ନିକଟରେ ତ୍ରିପୁରା, ନାଗାଲାଣ୍ଡ ଓ ମେଘାଳୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନର ଫଳ ପ୍ରକାଶ ପାଇଛି । ତ୍ରିପୁରା ଓ ନାଗାଲାଣ୍ଡରେ ବିଜେପି ନେତୃତ୍ୱ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ)କୁ ସ୍ପଷ୍ଟ ବହୁମତ ମିଳିଛି । ଏହି ଦୁଇ ରାଜ୍ୟରେ ଏନଡିଏ ସରକାର ଗଠନ କରିବା ନିଶ୍ଚିତ ହୋଇଛି । ତେବେ ମେଘାଳୟରେ କୌଣସି ମେଣ୍ଟ କିମ୍ବା ଦଳକୁ ସଂଖ୍ୟା ଗରିଷ୍ଠତା ମିଳିପାରି ନାହିଁ । ଭୋଟ ଗଣତି ଅନୁଯାୟୀ ତ୍ରିପୁରାରେ ବିଜେପି ଓ ଏହାର ସହଯୋଗୀ ଦଳ ଆଇପିଏଫଟିକୁ ମୋଟ ୩୩ଟି ଆସନ ମିଳିଛି । ସେଥିରୁ ବିଜେପିକୁ ୩୨ଟି ଓ ସହଯୋଗୀ ଆଇପିଏଫକୁ ଗୋଟିଏ ଆସନ ମିଳିଛି । ଏଠାରେ ସିପିଏମକୁ ୧୧ଟି, କଂଗ୍ରେସକୁ ୩ଟି ଓ ଟିଏମପିକୁ ୧୩ ଟି ଆସନ ମିଳିଛି ।

ତ୍ରିପୁରା ବିଧାନସଭାର ମୋଟ ଆସନ ସଂଖ୍ୟା ୬୦ ହୋଇଥିବା ବେଳେ ସରକାର ଗଠନ ନିମନ୍ତେ ମ୍ୟାଜିକ୍ ସଂଖ୍ୟା ହେଉଛି ୩୧ । ଏଠାରୁ ବାମଦଳ ଓ କଂଗ୍ରେସ ମେଣ୍ଟ କରି ନିର୍ବାଚନ ଲଢୁଥିଲେ ।

ସେହିପରି ନାଗାଲାଣ୍ଡରେ ଏନଡିଏ ୩୭ ଟି ଆସନରେ ବିଜୟୀ ହୋଇ ସରକାର ଗଠନ କରିବାକୁ ଦାବିଦାର ହୋଇଛି । ଏଠାରେ ବିଜେପି ୧୨ଟି ଆସନ ପାଇଥିବା ବେଳେ ଏହାର ସହଯୋଗୀ ଏନଡିପିପି ୨୫ଟି ଆସନରେ ବିଜୟୀ ହୋଇଛି । ଏଠାରେ ଏନପିଏଫ ୨ଟି ଆସନ ପାଇଥିବା ବେଳେ ଅନ୍ୟାନ୍ୟ ଦଳ ୨୧ ଟି ଆସନ ପାଇଛନ୍ତି । କଂଗ୍ରେସ ଏଠାରେ କୌଣସି ଆସନ ପାଇ ନାହିଁ । ନାଗାଲାଣ୍ଡ ବିଧାନସଭାର ଆସନ ସଂଖ୍ୟା ୬୦ ହୋଇଥିବାରୁ ଏଠାରେ ସରକାର ଗଠନର ମ୍ୟାଜିକ ସଂଖ୍ୟା ୩୧ । ତେବେ ମେଘାଳୟ ବିଧାନସଭା ନିର୍ବାଚନ ଫଳ ଅନୁଯାୟୀ କୌଣସି ଦଳକୁ ସ୍ପଷ୍ଟ ବହୁତ ମିଳିପାରି ନାହିଁ । ଏଠାରେ ନ୍ୟାସନାଲ ପିପୁଲ୍ସ ପାର୍ଟି (ଏନପିପି) କୁ ସର୍ବାଧିକ ୨୬ ଟି ଆସନ ମିଳିଛି । ସେହିପରି ବିଜେପିକୁ ୩ ଟି ଆସନ ମିଳିଥିବା ବେଳେ କଂଗ୍ରେସକୁ ୫, ତୃଣମୂଳ କଂଗ୍ରେସକୁ ୫ ଓ ଅନ୍ୟାନ୍ୟ ଦଳକୁ ୨୧ଟି ଆସନ ମିଳିଛି । ତେଣୁ ଏଠାରେ କିଏ ସରକାର ଗଠନ କରିବ ତାହା ସ୍ପଷ୍ଟ ହୋଇପାରି ନାହିଁ । ସରକାର ଗଠନ ଲାଗି ଏନପିପିକୁ ବିଜେପି ସମର୍ଥନ ଘୋଷଣା କରିଛି ।

# ରାଜ୍ୟକୁ ମିଳିଲା 'ସ୍ପୋର୍ଟ୍ସ ଷ୍ଟାର ଏସେସ୍ ଆୱାର୍ଡ'

ଭୁବନେଶ୍ୱର : କ୍ରୀଡ଼ା ପ୍ରୋତ୍ସାହନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାକୁ ପୁଣି ଥରେ ଶ୍ରେଷ୍ଠ ରାଜ୍ୟର ମାନ୍ୟତା ମିଳିଛି । ପ୍ରସିଦ୍ଧ କ୍ରୀଡା ପତ୍ରିକା 'ସ୍ପୋର୍ଟ୍ସ ଷ୍ଟାର' ପକ୍ଷରୁ ରାଜ୍ୟକୁ 'ସ୍ପୋର୍ଟଷ୍ଟାର ଏସେସ୍ ଆୱାର୍ଡ'ରେ ସମ୍ମାନିତ କରାଯାଇଛି । ଏହି ପୁରସ୍କାର ଆରମ୍ଭ ହେବା ପରଠାରୁ କ୍ରମାଗତ ଭାବେ ଓଡ଼ିଶା ଚତୁର୍ଥ ଥର ପାଇଁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇଛି । ମୁମ୍ବାଇଠାରେ 'ହିନ୍ଦୁ' ଗ୍ରୁପ୍ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କ୍ରିକେଟ୍ କିମ୍ବଦନ୍ତୀ ସୁନିଲ ଗାଭାସ୍କର ଓ 'ଦ ହିନ୍ଦୁ'ର ସମ୍ପାଦକ ସୁରେଶ ନମ୍ବଥ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଏହି ଉତ୍ସବରେ ବିଭିନ୍ନ କ୍ରୀଡ଼ା କ୍ଷେତ୍ରରୁ ଖ୍ୟାତନାମା କ୍ରୀଡ଼ାବିତ୍



ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । 'ସ୍ପୋର୍ଟଷ୍ଟାର ଏସେସ୍ ଆୱାର୍ଡ' ଦେଶର କ୍ରୀଡ଼ାରେ ଶ୍ରେଷ୍ଠ ପ୍ରଦର୍ଶନକୁ ସମ୍ମାନିତ କରି ଆସୁଛି ଏବଂ ଏହାର ଯଥେଷ୍ଟ ଖ୍ୟାତି ରହିଛି ।

ଏହି ପୁରସ୍କାର ବିଚାରକ ମଣ୍ଡଳୀରେ ପୂର୍ବତନ ଭାରତୀୟ କ୍ରିକେଟ୍ ଅଧିନାୟକ ସୁନିଲ ଗାଭାସ୍କରଙ୍କ ନେତୃତ୍ୱରେ ଅଭିନବ ବିନ୍ଦ୍ରା, ଅପର୍ଣ୍ଣା ପୋପଟ, ଅଞ୍ଜଳି ଭାଗବତ, ବାଇଚୁଙ୍ଗ ଭୂତିଆ, ଏମ୍‌ଏମ୍ ସୌମ୍ୟା ଓ ବିଶ୍ୱନାଥନ ଆନନ୍ଦଙ୍କ ଭଳି ଖ୍ୟାତନାମା କ୍ରୀଡ଼ାବିତ୍ ପ୍ରମୁଖ ସଦସ୍ୟ ଥିଲେ । ପୁରସ୍କାର ପାଇଁ ହିନ୍ଦୁ ଗ୍ରୁପ୍ ତଥା ସ୍ପୋର୍ଟ ଷ୍ଟାରକୁ ଧନ୍ୟବାଦ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉକ୍ତ ପୁରସ୍କାରକୁ ଓଡ଼ିଶାର ଜନସାଧାରଣଙ୍କୁ ଉତ୍ସର୍ଗ କରିଛନ୍ତି ।

# ଭିଏସ୍‌ଏସ୍‌ୟୁଟିର ଚତୁର୍ଦ୍ଦଶ ସମାବର୍ତ୍ତନ ଉତ୍ସବ






ବୁର୍ଲା: ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ-ବିଦ୍ୟାଳୟ (ଭିସୁଟ୍)ର ଚତୁର୍ଦ୍ଦଶ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଛି । କୁଳପତି ପ୍ରଫେସର ବଂଶୀଧର ମାଝୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଡିଆରଡିଓ ମହାନିର୍ଦ୍ଦେଶକ (ଇସିଏସ୍) ତଥା ଭିସୁଟର ପୁରାତନ ଛାତ୍ର ଡକ୍ଟର ବିନୟ କୁମାର ଦାଶ ମୁଖ୍ୟ ଅତିଥି ଓ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କୁଳସଚିବ ପ୍ରଦୀପ ଡାଙ୍ଗଙ୍କ ସମେତ ସମସ୍ତ ପ୍ରାଧ୍ୟାପକ, ପ୍ରାଧ୍ୟାପିକା ତଥା ଫାକଲ୍ଟି ଉପସ୍ଥିତ ଥିଲେ । ଡିନ ପି.କେ ହୋତା, ପ୍ରଫେସର ପ୍ରକାଶ ଚନ୍ଦ୍ର ସ୍ୱାଇଁ, ସଞ୍ଜୟ ଅଗ୍ରୱାଲ, ସନୟ କୁମାର ପାତ୍ର, ପ୍ରଫେସର ଦେବଦତ୍ତ ମିଶ୍ର, ରସାୟନ ବିଭାଗ ପ୍ରଫେସର ପ୍ରିୟରଞ୍ଜନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉତ୍ସବ ଅବସରରେ ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପୁରାତନ ଛାତ୍ର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡକ୍ଟର ସୁରେଶ ଚନ୍ଦ୍ର ଦଳାଇ, ମୁଖ୍ୟଅତିଥି ଡଃ ବିନୟ କୁମାର ଦାଶ, ତ୍ରିଲୋକ୍ୟନାଥ ପଣ୍ଡା, ସୁକୁମାର ମିଶ୍ର ଓ ବ୍ରହ୍ମାନନ୍ଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରେଷ୍ଠ ଅଧାପକ ଭାବରେ ସହକାରୀ ପ୍ରଫେସର ଡକ୍ଟର ସନ୍ତୋଷ କୁମାର ମାଝୀ ଓ ସହଯୋଗୀ ପ୍ରଫେସର ଡକ୍ଟର ଜ୍ଞାନରଞ୍ଜନ ବିଶ୍ୱାଳ ସମ୍ବର୍ଦ୍ଧିତ ହୋଇଥିଲେ । ମୋଟ ୧୨୧୩ ଛାତ୍ରଛାତ୍ରୀ ସ୍ନାତକ ଏବଂ ସ୍ନାତକୋତ୍ତର ଡିଗ୍ରୀ ଏବଂ ୬୦ ଜଣ ପିଏଚ୍‌ଡି ହାସଲ କରିଥିଲେ । ଅଙ୍କନ କୁମାର ରାଉତ ସମୁଦାୟ ୪ଟି ସ୍ୱର୍ଣ୍ଣପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରି ବିଟେକ୍‌ର ଶ୍ରେଷ୍ଠ ସ୍ନାତକ ଏବଂ ସିଏସ୍‌ଇର ସାକ୍ଷୀ ଅଗ୍ରୱାଲ ଶ୍ରେଷ୍ଠ ଛାତ୍ରୀ ଭାବରେ ପୁରସ୍କୃତ ହୋଇଥିଲେ । ଉତ୍ସବରେ ଡକ୍ଟରେଟ ହାସଲ କରିଥିବା ଗବେଷକମାନେ ସ୍ୱତନ୍ତ୍ର ସମ୍ବଲପୁରୀ ପୋଷାକ ପରିଧାନ କରିଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ସଂସ୍କୃତ ଭାଷାରେ ଶପଥପାଠ କରିଥିଲେ ।

## ରାଜ୍ୟର ଶ୍ରେଷ୍ଠ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଭାବେ ସମ୍ମାନିତ ହେଲେ ଶୁଚିସ୍ମିତା ପଟ୍ଟନାୟକ

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୁଚିସ୍ମିତା ପଟ୍ଟନାୟକଙ୍କୁ ରାଜ୍ୟର ଶ୍ରେଷ୍ଠ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସମ୍ମାନିତ କରିଛନ୍ତି । ଭୁବନେଶ୍ୱର ସ୍ଥିତ ଲୋକ ସେବା



ଭବନରେ ଆୟୋଜିତ ଆନ୍ତର୍ଜାତିକ ମହିଳା ଦିବସ ସମାରୋହ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାରେ ତାଙ୍କର ଶିଶୁ ଓ ମହିଳାଙ୍କ କ୍ଷେତ୍ରରେ ଉତ୍ସର୍ଗୀକୃତ ସେବା ପ୍ରଦାନ କରିଥିବାରୁ ତାଙ୍କୁ ଏହି ପୁରସ୍କାର ମିଳିଛି ।

ଏ ସଂଖ୍ୟାରେ..


ଖରାଦିନେ ଆଲୋଭେରା


ସୋରିଷ ଶାଗର ଲାଭ


ବହୁ ଉପକାରୀ କଞ୍ଚା ଅମୃତଭଣ୍ଡା


ଖାଦ୍ୟ ଲୋଭ ନିୟନ୍ତ୍ରଣ କରେ ଶାଗ


ଗୁଣକାରୀ ଗଙ୍ଗଶିଉଳୀ


ତାଳର ଉପକାରିତା

## ସମ୍ବଲପୁର ଆରଏଣ୍ଡବିର ୧ ନଂ ଡିଭିଜନରେ ବ୍ୟାପକ ଅବ୍ୟବସ୍ଥା

ସମ୍ବଲପୁର : ସମ୍ବଲପୁର ଆରଏଣ୍ଡବିର ୧ ନଂ ଡିଭିଜନରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହେଉଛି । କର୍ମଚାରୀମାନଙ୍କର ଅଭାବ ଯୋଗୁଁ ଏହି ଡିଭିଜନ ଅଧିନରେ କାମ କରୁଥିବା ଠିକାଦାରମାନେ ତାଙ୍କର ଦେୟ ଠିକ୍ ସମୟରେ ନ ପାଇ ଘୋର ହଇରାଣର ସମ୍ମୁଖୀନ ହେଉଛନ୍ତି । ଏଥିପାଇଁ ବହୁ ଉନ୍ନୟନମୂଳକ କାର୍ଯ୍ୟ ମଧ ହାତକୁ ନେବା ପାଇଁ ଠିକାଦାରମାନେ କୁଣ୍ଠାବୋଧ କରୁଛନ୍ତି । ଠିକାଦାରମାନେ ତାଙ୍କ ପ୍ରାପ୍ୟ ପାଇଁ କାର୍ଯ୍ୟାଳୟକୁ ବାରମ୍ବାର ଦଉଡି ହଇରାଣ ହେଉଥିବା ବେଳେ ତାଙ୍କର ଅଭିଯୋଗ ଜଣାଇବା ପାଇଁ କର୍ତ୍ତୃପକ୍ଷଙ୍କୁ ଚେଷ୍ଟା କରୁଥିଲେ ମଧ ଡିଭିଜନ ଦାୟିତ୍ୱରେ ଥିବା ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଫୋନ ଉଠାଉ ନଥିବାର ଅଭିଯୋଗ ହେଉଛି । ଉଲ୍ଲେଖ ଯୋଗ୍ୟ ଯେ, ସମ୍ବଲପୁର ପବ୍ଲିକ ଲାଇବ୍ରେରିର ଏକ କୋଠା ନିର୍ମାଣ ପାଇଁ ଏହି ଡିଭିଜନକୁ ନ୍ୟସ୍ତ କରାଯାଇ ୧୦ ଲକ୍ଷ ଟଙ୍କା ଜମା କରାଯାଇଥିଲେ ମଧ ସେହି କାମ ହୋଇ ପାରି ନ ଥିଲା । ଅପରପକ୍ଷରେ ପବ୍ଲିକ ଲାଇବ୍ରେରୀରେ ଏହି ଅର୍ଥରେ ବାଉଣ୍ଡରି ୱାଲ ନିର୍ମାଣ କରାଯାଇଥିବା ଦର୍ଶା ଯାଇଥିଲା । ତେବେ କୌଣସି ବାଉଣ୍ଡରି ୱାଲ ନିର୍ମାଣ କରା ଯାଇ ନ ଥିବା ଦେଖି ପବ୍ଲିକ ଲାଇବ୍ରେରୀର କର୍ମକର୍ତ୍ତାମାନଙ୍କୁ ଏହି ଡିଭିଜନ ସମ୍ମୁଖରେ କିଛିଦିନ ତଳେ ଧାରଣା ଦେବାକୁ ପଡିଥିଲା । ପରେ କର୍ତ୍ତୃପକ୍ଷ ବାଧ ହୋଇ ଉକ୍ତ ଟଙ୍କା ଜିଲ୍ଲାପାଳଙ୍କୁ ଫେରସ୍ତ କରିଥିଲେ । ଏହି ଡିଭିଜନରେ ଦେଖା ଦେଇଥିବା ଅବ୍ୟବସ୍ଥା ସମ୍ପର୍କରେ ଶ୍ରମିକ ନେତା ଶ୍ରୀ ରତି ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ବରିଷ୍ଠ ନାଗରିକ ସମାଜ ପକ୍ଷରୁ ବସ୍ତ୍ର ବଣ୍ଟନ

ସମ୍ବଲପୁର : ସମ୍ବଲପୁର ଜିଲ୍ଲା ବରିଷ୍ଠ ନାଗରିକ ସମାଜ ପକ୍ଷରୁ ଧୁଯୁମୁରା ବ୍ଲକ ଅନ୍ତର୍ଗତ ଜାମଟାଲ ଇନ୍ଦିରା କଲୋନୀରେ ବସ୍ତ୍ର ବଣ୍ଟନ କରାଯାଇଛି । ନାଗରିକ ସମାଜର ସମ୍ପାଦକ ପ୍ରଦୀପ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆର୍ଥିକ ଅନଗ୍ରସର ଲୋକଙ୍କ ସମସ୍ୟା ଉପରେ କଲୋନୀବାସୀଙ୍କ ସହ ଆଲୋଚନା କରାଯାଇଥିଲା । ଏହି ଅବସରରେ ସଂଗଠନ ପକ୍ଷରୁ ଉକ୍ତ କଲୋନୀରେ ବସବାସ କରୁଥିବା ୮୬ ଜଣଙ୍କ ସହିତ ୩୧ ଜଣ ଶିଶୁଙ୍କୁ ବିଭିନ୍ନ ପ୍ରକାର ବସ୍ତ୍ର ବଣ୍ଟନ କରା ଯାଇଥିଲା । କୈଳାସ ମିସ୍ତ୍ରୀ, ଶଶିଭୂଷଣ ସେନ, ଦିଲୀପ ମିଶ୍ର, ସତିଶ ଚନ୍ଦ୍ର ନନ୍ଦ, ଧବଳେଶ୍ୱର ଧରୁଆ, ଫଗୁ ମୁଣ୍ଡା ପ୍ରମୁଖ ସାମିଲ ହୋଇଥିଲେ । ନୂତନ ଏବଂ ବ୍ୟବହାର ଉପଯୋଗୀ ବସ୍ତ୍ର ସଂଗ୍ରହ କରାଯାଇ ଅସହାୟ ଲୋକଙ୍କୁ ପ୍ରଦାନ କରିବା କାର୍ଯ୍ୟକୁ ଅଧିକ ବ୍ୟାପକ କରିବା ପାଇଁ ବରିଷ୍ଠ ନାଗରିକ ସମାଜ ପକ୍ଷରୁ କୁହାଯାଇଛି ।

## ବୁଣାକାରମାନଙ୍କ ପାଇଁ ହାଟ ଖୋଲାଯିବାକୁ ଦାବି

ସୋନପୁର : ସୋନପୁର ହସ୍ତତନ୍ତ୍ର ବାନ୍ଧକଳ ଓ ନିଖୁଣ କାର୍ଯ୍ୟ ପାଇଁ ଏଠାକାର ଲୁଗା ବେଶ ବିଶ୍ୱ ପ୍ରସିଦ୍ଧ ଲାଭ କରିଛି । କେବଳ ସୋନପୁରରେ ପାଖାପାଖି ୧୦୦୦ ବୁଣାକାର ଅଛନ୍ତି । ତେବେ ବୁଣାକାରମାନଙ୍କ ଉତ୍ପାଦିତ ଲୁଗା ବିକ୍ରୟ ପାଇଁ ଏକ ହାଟର ଆବଶ୍ୟକତା ରହିଛି । ଏହା ହେଲେ ପର୍ଯ୍ୟଟକମାନେ ଆସି ସ୍ୱତଃ ମନ ମୁତାବକ ବସ୍ତ୍ର କ୍ରୟକରି ନେଇ ପାରିବେ । ତେଣୁ ସ୍ଥାନୀୟ ତହସିଲ ଅଫିସ ପାଖରେ ଥିବା ଡିଜାଇନିଂ ସେଣ୍ଟର ଏକ କୋଠାରେ ଏହି ହାଟର ବ୍ୟବସ୍ଥା କରାଯିବାକୁ ପ୍ରଶାସନ ନିକଟରେ ଦାବି କରାଯାଇଛି ।

## ମରଣଯନ୍ତା ପାଲଟିଛି ଆନନ୍ଦପୁର ରାସ୍ତା

ସୁବର୍ଣ୍ଣପୁର : ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତ ଅନ୍ତର୍ଗତ ରୁଗୁଡିସାହି ଛକଠାରୁ ବଡଖମାରମଠକୁ ସଂଯୋଗ କରୁଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ରୁଗୁଡିସାହି ଛକ ଆରଡି ରାସ୍ତା ଠାରୁ ଆନନ୍ଦପୁର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୨୦୧୫ ମସିହାରେ ନିର୍ମାଣ ହୋଇଥିଲା । ପରେ ରାସ୍ତାଟି ଶୋଚନୀୟ ଅବସ୍ଥା ହୋଇଥିବାରୁ ବିଭାଗୀୟ ପକ୍ଷରୁ ମରାମତି କାର୍ଯ୍ୟ କରାଯାଇଥିଲା । ଏହି ରାସ୍ତାରେ ଭାରୀଯାନ ଚଳାଚଳ କରୁ ନ ଥିବା ବେଳେ ରାସ୍ତାଟି ଅନେକ ସ୍ଥାନରେ ଭୂଶୁଡି ପଡ଼ିଥିବା ଦେଖିବାକୁ ମିଳିଛି । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ନିମ୍ନମାନର ମରାମତି କାମ ଯୋଗୁଁ ଦୁଇ ମାସ ଭିତରେ ରାସ୍ତା ଶୋଚନୀୟ ଅବସ୍ଥା ପାଲଟି ଯାଇଥିବା ଅଭିଯୋଗ ହେଉଛି । ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ବହୁ ସଂଖ୍ୟକ ଲୋକ ବିଭିନ୍ନ ସ୍ଥାନକୁ ଯିବା ଆସିବା କରୁଥିବା ବେଳେ ତିନିଗୋଟି ପଞ୍ଚାୟତ ଲୋକେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ବିଶେଷ କରି ବଡ଼ଖମାର ସ୍ଥିତ ବରାହପଦର ମଠକୁ ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ବହୁ ଦୂର ଦୁରାନ୍ତରୁ ଶ୍ରଦ୍ଧାଳୁ ମାନେ ଆସିଥାନ୍ତି । ହେଲେ ଏଭଳି ଦୟନୀୟ ରାସ୍ତା ଯୋଗୁଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାରଙ୍କ ରାଜସ୍ୱରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ରାସ୍ତାଘାଟ ଏବେ ବିଭାଗୀୟ ଅଧିକାରୀଙ୍କ ମନମୁଖୀ ଓ ଅବହେଳା ଯୋଗୁଁ ଠିକରେ ଲୋକଙ୍କ ସେବାରେ ଲାଗିପାରୁ ନାହିଁ । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ତୁରନ୍ତ ଏହି ରାସ୍ତା ମରାମତି ପାଇଁ ବିଭିନ୍ନ ମହଲରେ ଦାବି ହେଉଛି ।

## ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ବାର୍ଷିକ ଉତ୍ସବ ପରମାଣପୁରରେ ହେବ

ସମ୍ବଲପୁର : ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ବାର୍ଷିକ ଉତ୍ସବ ଆସନ୍ତା ୧୯ ତାରିଖ ଦିନ ସମ୍ବଲପୁର ଜିଲ୍ଲା ପରମାଣପୁର ଠାରେ ଅନୁଷ୍ଠିତ ହେବ । ଗ୍ରାମବାସୀମାନଙ୍କ ସହଯୋଗରେ ଆୟୋଜିତ ହେଉଥିବା ଏହି ଉତ୍ସବରେ କନ୍ଧମାଳ ଜିଲ୍ଲା ସମେତ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ କୀର୍ତ୍ତନ ଦଳ ଗୁଡିକ ଏଥିରେ ଯୋଗଦେଇ କୀର୍ତ୍ତନ ପରିବେଷଣ କରିବେ । ବିଗତ ବର୍ଷ ମାନଙ୍କ ଭଳି ପରିଷଦ ପକ୍ଷରୁ ଏକ ସ୍ମରଣିକା ମଧ ଚଳିତ ବର୍ଷ ପ୍ରକାଶ ପାଇବ । ଏହି ଅବସରରେ ଆୟୋଜିତ ହେବାକୁ ଥିବା ଉତ୍ସବରେ ଯୋଗ ଦେବା ପାଇଁ ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରାଯାଇଛି । ଇତି ମଧରେ ଗ୍ରାମର ଶ୍ରୀ ନରେନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଏହି ଉତ୍ସବ ଯେପରି ଆକର୍ଷଣୀୟ ହୋଇ ପାରିବ ସେଥିପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ସ୍ଥିର କରାଯାଇଛି ।

## ଶାନ୍ତି- ମୁକ୍ତିର ସାଧନ ନାମ ସଂକୀର୍ତ୍ତନ

ସଂକୀର୍ତ୍ତନ ଶବ୍ଦଟି ବ୍ୟାକରଣରେ ସମ୍ ଉପସର୍ଗ ପୂର୍ବକ କୃ-ଧାତୁରୁ ଉତ୍ତର ଲ୍ୟୁଟ୍ ବା ଅନ୍ ପ୍ରତ୍ୟୟ ହେଲେ ନିଷ୍ପନ୍ନ ହୁଏ । କୀର୍ତ୍ତନ ଶବ୍ଦର ଶାବ୍ଦିକ ଅର୍ଥ ବର୍ଣ୍ଣନ । ଯେଉଁଥିରେ ଭଗବାନଙ୍କର ନାମ, ଲୀଳା, ଗୁଣାଦିର ବର୍ଣ୍ଣନ କରାଯାଏ । ଆଚାର୍ଯ୍ୟ ରୂପଗୋସ୍ୱାମୀଙ୍କ ଅନୁସାରେ-

''ନାମ ଲୀଳାଗୁଣାଦୀନାମ୍ ଉଚ୍ଚୈର୍ଭାବାନୁକୀର୍ତ୍ତନମ୍ ।'

ଉଚ୍ଚ ସ୍ୱରରେ ଉପାସ୍ୟଙ୍କର ନାମ-ଲୀଳା-ଗୁଣାଦିର ବର୍ଣ୍ଣନା ହିଁ କୀର୍ତ୍ତନ ପଦବାଚ୍ୟ । 'ସମ୍ୟକ୍ ପ୍ରକାରେଣ ଦେବତା ନାମୋଚ୍ଚାରଣମ୍' (ସର୍ବଲକ୍ଷଣ ସଂଗ୍ରହ, ୩/୭୨) ଭଲ ଭାବରେ ଦେବତା ନାମ ଉଚ୍ଚାରଣ କରିବା ହିଁ ସଂକୀର୍ତ୍ତନ । କୀର୍ତ୍ତନ ଶବ୍ଦର ଅର୍ଥ ଭଗବାନଙ୍କର ନାମ, ରୂପ, ଗୁଣ, ଲୀଳା ଏବଂ ଯଶ ଆଦିକୁ ପ୍ରକାଶ କରିବା । ତାହା ସମୂହରେ ଉଚ୍ଚ ସ୍ତରରେ ପ୍ରକାଶିତ ହେଲେ ସଂକୀର୍ତ୍ତନ ହୁଏ । ଭାଗବତର ପ୍ରଥମ ବ୍ୟାଖ୍ୟାକାର ଜୀବଗୋସ୍ୱାମୀ 'ନାମସଂକୀର୍ତ୍ତନଂ ଚେଦୁଚ୍ଚୈରେବ ପ୍ରଶସ୍ତମ୍' ବୋଲି ଉଲ୍ଲେଖ କରିଥିବା ବେଳେ ଅନ୍ୟତମ ଭାଗବତ ଟୀକାକାର ଶ୍ରୀଧରସ୍ୱାମୀ 'ସଂକୀର୍ତନଂ ନାମୋଚ୍ଚାରଣମ୍' ବୋଲି ସୂଚିତ କରିଛନ୍ତି । ଭକ୍ତିରସରେ ନିମଗ୍ନ ହୋଇ ଭକ୍ତ ଆରାଧଙ୍କ ଉଦ୍ଦେଶ୍ୟରେ ତାଙ୍କ ପ୍ରୀତି ନିମିତ୍ତ ଉଚ୍ଚ ସ୍ୱରରେ ଗାନ କରି ସ୍ତୁତି କଲେ ତାହାକୁ କୀର୍ତ୍ତନ କୁହାଯାଏ । ଭାଗବତରେ ଉଲ୍ଲେଖ ଅଛି-

ଏତାବତାଲ ମଘନିର୍ହରଣାୟ ପୁଂସାଂ<br>
ସଂକୀର୍ତ୍ତନଂ ଭଗବତୋ ଗୁଣକର୍ମନାମ୍ନାମ୍ ।<br>
ବିକ୍ରୁଶ୍ୟ ପୁତ୍ରମଘବାନ୍ ଯଦଜାମିକୋଽପି<br>
ନାରାୟଣେତି ମ୍ରିୟମାଣ ଇୟାୟ ମୁକ୍ତିମ ।। (୬/୩/୨୪)

ଅର୍ଥାତ୍ ଭଗବାନଙ୍କର ଗୁଣ, ଲୀଳା ଏବଂ ନାମର ସମ୍ୟକ୍ କୀର୍ତ୍ତନ ମନୁଷ୍ୟମାନଙ୍କର ପାପକୁ ସର୍ବଥା ବିନାଶ କରିବା ସେତେବଡ଼ ଫଳ ନୁହେଁ, କାରଣ ଅତ୍ୟନ୍ତ ପାପୀ ଅଜାମିଳର ମୃତ୍ୟୁ କାଳରେ ଚଞ୍ଚଳ ଚିତ୍ତରେ ନିଜ ପୁତ୍ର ନାରାୟଣର ନାମୋଚ୍ଚାରଣ ମାତ୍ରରେ ହିଁ ତାର ସମସ୍ତ ପାପ କ୍ଷୀଣ ହୋଇ ମୁକ୍ତିପ୍ରାପ୍ତି ହେଲା ।

ସାଧାରଣତଃ କଥା, ବ୍ୟାଖ୍ୟାନ ଆଦି ଦ୍ୱାରା ଭକ୍ତମାନଙ୍କ ସମ୍ମୁଖରେ ଭଗବାନଙ୍କର ଗୁଣ, ପ୍ରଭାବ, ମହିମା ଏବଂ ଚରିତ୍ର ଆଦିର ବର୍ଣ୍ଣନା କରିବା, ଏକାକୀ ଅଥବା ସମୂହ ଭାବରେ ଭଗବାନଙ୍କୁ ନିଜ ସମ୍ମୁଖରେ ଅନୁଭବ କରି ରାମ, କୃଷ୍ଣ, ଗୋବିନ୍ଦ, ହରି, ନାରାୟଣ, ବାସୁଦେବ, କେଶବ, ମାଧବ, ଶିବ ଆଦି ତାଙ୍କର ପବିତ୍ର ନାମଗୁଡ଼ିକର ଜପ ଅଥବା ଉଚ୍ଚସ୍ୱରରେ ଗାନ କରିବା, ଭଗବାନଙ୍କର ଗୁଣ, ପ୍ରଭାବ ଏବଂ ଚରିତ୍ରକୁ ଶ୍ରଦ୍ଧା ଏବଂ ପ୍ରେମ ପୂର୍ବକ ଧୀରେ ଧୀରେ ଅଥବା ବେଗରେ ଦଣ୍ଡାୟମାନ ହୋଇ ଅଥବା ଉପବେଶନ କରି ବାଦ୍ୟ ନୃତ୍ୟ ସହ ଅଥବା ବିନା ବାଦ୍ୟ ନୃତ୍ୟରେ ଗାନ କରିବା ଏବଂ ସ୍ତୁତି, ଦିବ୍ୟସ୍ତୋତ ତଥା ସୁନ୍ଦର ମଧୁର ପଦ ଦ୍ୱାରା ଭଗବାନଙ୍କୁ ପ୍ରାର୍ଥନା କରିବା ଆଦି ଭଗବନାମ ଗୁଣଗାନ ସମ୍ବନ୍ଧୀ ସମସ୍ତ ଚେଷ୍ଟା କୀର୍ତ୍ତନର ଅନ୍ତର୍ଗତ ଅଟନ୍ତି ।

ଭକ୍ତମାନଙ୍କର ଭଜନର ପ୍ରକାର ବର୍ଣ୍ଣନା କରିବାକୁ ଯାଇ ଭଗବାନ୍ ଶ୍ରୀକୃଷ୍ଣ ଉଲ୍ଲେଖ କରିଛନ୍ତି-

ସତତଂ କୀର୍ତ୍ତୟନ୍ତୋ ମାଂ ଯତନ୍ତଶ୍ଚ ଦୃଢବ୍ରତାଃ ।

ନମସ୍ୟନ୍ତଶ୍ଚ ମାଂ ଭକ୍ତ୍ୟା ନିତ୍ୟଯୁକ୍ତା ଉପାସତେ (ଗୀତା. ୯/୧୪)

ଭଗବାନ୍ କହିଛନ୍ତି- ଦୃଢ଼ ନିଶ୍ଚୟ ସମ୍ପନ୍ନ ଭକ୍ତଜନ ସତତ ମୋର ନାମ ଏବଂ ଗୁଣକୀର୍ତ୍ତନ କରି ତଥା ମୋର ପ୍ରାପ୍ତି ପାଇଁ ଯତ୍ନ କରି ଏବଂ ମୋତେ ବାରମ୍ବାର ପ୍ରଣାମପୂର୍ବକ ସଦା ମୋର ଧାନରେ ଯୁକ୍ତ ହୋଇ ଅନନ୍ୟ ପ୍ରେମରେ ମୋର ଉପାସନା କରନ୍ତି । ଏଠାରେ ସତତ ଶବ୍ଦଟି ନିତ୍ୟ ନିରନ୍ତର ସମୟର ବାଚକ ଯାହାର ସମ୍ବନ୍ଧ ଉପାସନା ସହିତ ରହିଛି । କୀର୍ତ୍ତନ ଏବଂ ନମସ୍କାରାଦି ସମସ୍ତ ଉପାସନାର ହିଁ ଅଙ୍ଗ ହୋଇଥିବାରୁ ପ୍ରକାରାନ୍ତରେ ସେସବୁ ଏହାର ସମ୍ବନ୍ଧ ରହିଛି । ପ୍ରେମୀ ଭକ୍ତ କେତେବେଳେ କୀର୍ତ୍ତନ, କେତେବେଳେ ନମସ୍କାର, କେତେବେଳେ ସେବାରେ ଭଗବାନଙ୍କର ଉପାସନା କରନ୍ତି ।

କୀର୍ତ୍ତନକୁ ବ୍ୟାପକ ଅର୍ଥରେ ଗ୍ରହଣ କରାଯାଇଛି, ଯେଉଁଥିରେ ଭଗବନ୍ନାମ ତଥା ଭଗବତଲୀଳା ସମ୍ବନ୍ଧିତ ସମସ୍ତ ସୂକ୍ତ, ସ୍ତୁତି, ସ୍ତୋତ୍ର, ଭଜନ, ଜଣାଣ ଆଦିକୁ ସଂକୀର୍ତ୍ତନ ଶ୍ରେଣୀରେ ଗ୍ରହଣ କରାଯାଏ । ବେଦରେ କୀର୍ତ୍ତନ କଥା କୁହାଯାଇ ନ ଥିଲେ ସୁଦ୍ଧା ପୁରୁଷସୂକ୍ତାଦିରେ ପରମପୁରୁଷଙ୍କ ରୂପଲୀଳା ରହିଛି । ବାଲ୍ମୀକି ରାମାୟଣଠାରୁ ଆରମ୍ଭକରି ମହାଭାରତ ତଥା ଅନ୍ୟ ପୁରାଣଗୁଡ଼ିକରେ ସହସ୍ରନାମ, ଶତକ, ଅଷ୍ଟକ, ପଞ୍ଚକ ଆଦିରେ ଉପାସ୍ୟଙ୍କ ଲୀଳାର କୀର୍ତ୍ତନ ପରିଲକ୍ଷିତ ହୁଏ ।

ଭଗବାନଙ୍କର ନାମ ସଂକୀର୍ତ୍ତନ ନକରି କେହି କେବେ ଭକ୍ତ ହୋଇ ପାରିବ ନାହିଁ । ସଂକୀର୍ତ୍ତନ ହିଁ ଭଗବପ୍ରାପ୍ତିର ସର୍ବୋତ୍ତମ ସାଧନ ହୋଇଥିବା ହେତୁ ବ୍ୟାସ, ଶୁକ, ନାରଦଙ୍କ ଠାରୁ ଆରମ୍ଭ କରି ଅଦ୍ୟାବଧି ଅସଂଖ୍ୟ ଭକ୍ତ ନାମ-ସଂକୀର୍ତ୍ତନ ପୂର୍ବକ ନିଜକୁ ତଥା ନିଜର ଅନୁଯାୟୀମାନଙ୍କୁ କୃତାର୍ଥ କରି ଆସିଛନ୍ତି ।

ନାମ ସଂକୀର୍ତ୍ତନରେ ଅତୁଳନୀୟ ଅଦ୍ୱିତୀୟ ଦେବର୍ଷି ନାରଦଙ୍କ ଅନୁସାରେ ଲୋକ ସମାଜରେ ଭଗବତ୍ ଗୁଣ ଶ୍ରବଣ ଏବଂ ଅଖଣ୍ଡ ଭଜନ କୀର୍ତ୍ତନ ଦ୍ୱାରା ଭକ୍ତିର ସାଧନ ସମ୍ପନ୍ନ ହୋଇଥାଏ । ଭଗବାନ୍ (ପ୍ରେମପୂର୍ବକ) କୀର୍ତ୍ତିତ ହେଲେ ଶୀଘ୍ର ପ୍ରକଟ ହୁଅନ୍ତି ଏବଂ ଭକ୍ତଙ୍କୁ ନିଜର ଅନୁଭବ ପ୍ରଦାନ କରନ୍ତି । ଭକ୍ତିଶାସ୍ତ୍ରର ଅନ୍ୟତମ ମହାନ୍ ଆଚାର୍ଯ୍ୟ ଶାଣ୍ଡିଲ୍ୟ ମନୁଷ୍ୟ ଜୀବନରେ ଭଗବଦ୍ ଭଜନଠୁ ବଳି କଲ୍ୟାଣକାରକ ବିଷୟ ନଥିବା କଥା ସୂଚନା ଦେଇଛନ୍ତି । ସେଥିରେ କୌଣସି ଦେଶ ବା କାଳର ଅପେକ୍ଷା ନାହିଁ ଏବଂ ଏଥିପାଇଁ କୌଣସି ସାଧନର ମଧ ଆବଶ୍ୟକତା ନାହିଁ ।

ପ୍ରତ୍ୟେକ ଜୀବର ଇହଲୋକରେ ଶାନ୍ତି ତଥା ପରଲୋକରେ ମୁକ୍ତି ଏକାନ୍ତ କାମ୍ୟ । ସାଂସାରିକ ପଦାର୍ଥଗୁଡ଼ିକ ଦ୍ୱାରା ପ୍ରକୃତ ଶାନ୍ତି ମିଳେ ନାହିଁ । କାରଣ ପଦାର୍ଥ ମିଳିଗଲେ ସୁଖ ମିଳେ ନାହିଁ, ବରଂ ଦୁଃଖର କାରଣଭୂତ ଲାଳସା ଅଧିକ ବଢ଼େ । ସାଂସାରିକ ବସ୍ତୁକୁ ସୁଖସାମଗ୍ରୀ ମନେ କରିବା ଦ୍ୱାରା ସେଗୁଡ଼ିକର ପ୍ରାପ୍ତି ପାଇଁ ଅଧିକରୁ ଅଧିକ ପ୍ରଯତ୍ନ କରିବାକୁ ପଡ଼େ । ତଥାପି ପ୍ରତ୍ୟେକ ବ୍ୟକ୍ତିକୁ ସମସ୍ତ ଇପ୍ସିତ ବସ୍ତୁ ମିଳିବା ସମ୍ଭବ ହୁଏ ନାହିଁ । ପଦାର୍ଥ ଯେତେ ମିଳେ ଅଧିକ ପାଇବାର ଲାଳସା ବା ତୃଷ୍ଣା ସେତେ ବଢ଼ିଚାଲେ । ତୃଷ୍ଣା ତ୍ୟାଗରେ ହିଁ ସୁଖ ମିଳେ ।

ଯଚ୍ଚ କାମସୁଖଂ ଲୋକେ ଯଚ୍ଚ ଦିବ୍ୟଂ ମହତ୍ସୁଖମ ।

ତୃଷ୍ଣାକ୍ଷୟସୁଖସ୍ୟୈତେ ନାର୍ହତଃ ଷୋଡଶୀଂ କଳାମ୍ ।

ସଂସାରରେ ଯାହା କିଛି କାମୋପଭୋଗ ଜନିତ ସୁଖ ଓ ସ୍ୱର୍ଗୀୟ ମହାନ୍ ସୁଖ ଅଛି, ତାହା ତୃଷ୍ଣାନାଶ ଜନିତ ସୁଖର ଷୋହଳ ଭାଗରୁ ଏକଭାଗ ସହିତ ମଧ ସମାନ ନୁହେଁ ।

ଅତଏବ ଏଥିରୁ ପ୍ରମାଣିତ ହେଲା ଯେ ପଦାର୍ଥର ଅଭାବରେ ଦୁଃଖ ନାହିଁ, ବରଂ ଦୁଃଖ ଅଛି ପଦାର୍ଥ ଅଭାବର ଅନୁଭବରେ । ଯେଉଁମାନେ ଧନକୁ ମହତ୍ତ୍ୱ ଦେଇ ଖାଦ୍ୟ, ବସ୍ତ୍ର, ଭାବନାଦିରୁ ସୁଖ ପାଇବାକୁ ଚାହାଁନ୍ତି, ସେମାନେ ଭୁଲ କରନ୍ତି । ଜଡକୁ ମହତ୍ତ୍ୱ ଦେଲେ କଦାପି ସୁଖ ମିଳିବ ନାହିଁ, ଅନ୍ୟପକ୍ଷରେ ଯଦି ସତ୍ୟ, ଚେତନ ଓ ଅକ୍ଷୟ ସୁଖର ଆଧାର ଭଗବାନଙ୍କୁ ମହତ୍ତ୍ୱ ଦେଇ ତାଙ୍କଦ୍ୱାରା ସୁଖ ପାଇବାକୁ ଇଚ୍ଛା କରାଯାଏ, ତେବେ ଚିରକାଳ ପାଇଁ ସୁଖ ମିଳେ ।

ଦୋଷପୂର୍ଣ୍ଣ କଳିଯୁଗରେ ନାମ ସଂକୀର୍ତ୍ତନ ଦ୍ୱାରା ସମସ୍ତ ସାଂସାରିକ ଆସକ୍ତିରୁ ମୁକ୍ତି ଏବଂ ପରମାତ୍ମା ପ୍ରାପ୍ତି ବିଷୟରେ ଉଲ୍ଲେଖ ଅଛି-

କଳେର୍ଦୋଷନିଧେ ରାଜନ୍ନସ୍ତି ହ୍ୟେକୋ ମହାନ୍ ଗୁଣଃ ।<br>
କୀର୍ତ୍ତନାଦେବ କୃଷ୍ଣସ୍ୟ ମୁକ୍ତସଙ୍ଗଂ ପରଂ ବ୍ରଜେତ (୧୨/୩/୫୧)

ଶୁକଦେବ ପରୀକ୍ଷିତଙ୍କୁ କହୁଛନ୍ତି- କଳିଯୁଗ ଦୋଷର ଖଣି ହେଲେ ମଧ ଏଥିରେ ଗୋଟିଏ ବଡ଼ ଗୁଣ ରହିଛି । ସେ ଗୁଣଟି ହେଉଛି ଉକ୍ତ ଯୁଗରେ କେବଳ ଭଗବାନଙ୍କର ସଂକୀର୍ତ୍ତନ ମାତ୍ର ଦ୍ୱାରା ସମସ୍ତ ଆସକ୍ତି ଦୂର ହୁଏ ଏବଂ ପରମାତ୍ମାଙ୍କର ପ୍ରାପ୍ତି ହୋଇଯାଏ ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ଶାନ୍ତି- ମୁକ୍ତିର ସାଧନ... (ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

କୃତେ ଯଦ୍ ଧାୟତୋ ବିଷ୍ଣୁଂ
ତ୍ରେତାୟାଂ ଯଜତୋ ମଖୈଃ ।
ଦ୍ୱାପରେ ପରିଚର୍ଯ୍ୟାୟାଂ କଳେ
ତଦ୍ଧରିକୀର୍ତ୍ତନାତ୍ । (୧୨/୩/୫୨)

ସତ୍ୟଯୁଗରେ ଭଗବାନ୍‌ଙ୍କର ଧାନ କରିବାରେ, ତ୍ରେତାରେ ବଡ଼ ବଡ଼ ଯଜ୍ଞାନୁଷ୍ଠାନ କରିବାରେ ଏବଂ ଦ୍ୱାପରରେ ବିଧିପୂର୍ବକ ଭଗବାନଙ୍କ ପୂଜା କରିବାରେ ଯେଉଁ ଫଳ ମିଳେ ତାହା କଳିଯୁଗରେ କେବଳ ଭଗବନ୍ନାମ ସଂକୀର୍ତ୍ତନରେ ହିଁ ପ୍ରାପ୍ତ ହୋଇଥାଏ ।

ଶ୍ରୀମଭାଗବତରେ ପ୍ରହ୍ଲାଦ ହିରଣ୍ୟକଶିପୁଙ୍କୁ ଯେଉଁ ନବଧା ଭକ୍ତିର ସୂଚନା ଦେଇଛନ୍ତି ତନ୍ମଧରେ କୀର୍ତ୍ତନ ଅନ୍ୟତମ ।

ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ ସ୍ମରଣଂ
ପାଦସେବନମ୍ ।
ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ
ସଖ୍ୟମାତ୍ମନିବେଦନମ୍ ।
(୭/୫/୨୩)

ଭଗବାନ୍‌ଙ୍କର ଗୁଣଲୀଳା ନାମ ଆଦିର ଶ୍ରବଣ । ତାହାଙ୍କର କୀର୍ତ୍ତନ ତାଙ୍କର ରୂପ ନାମାଦିର ସ୍ମରଣ, ତାଙ୍କ ଚରଣଯୁଗଳର ସେବା, ପୂଜା-ଅର୍ଚ୍ଚା, ବନ୍ଦନ, ଦାସ୍ୟ ଏବଂ ଆତ୍ମନିବେଦନ ନବଧାଭକ୍ତି ମଧରେ ଗଣ୍ୟ ଅଟନ୍ତି ।

ଶ୍ରୀଭଗବାନ୍‌ଙ୍କର ନାମ ଏକାକୀ ବା ସମୂହ ଭାବରେ ଉଚ୍ଚାରଣ କରିବା ହିଁ କୀର୍ତ୍ତନ ଅଟେ । ସଂକୀର୍ତ୍ତନ ଏପରି ଏକ ଯଜ୍ଞ ଯେଉଁଥିରେ କୌଣସି ଦ୍ରବ୍ୟର ଆବଶ୍ୟକତା ନଥାଏ । ଯାହା ଆବଶ୍ୟକ ତାର ଅଭାବ ନଥାଏ । କୀର୍ତ୍ତନରେ ପବିତ୍ର କିମ୍ବା ଅପବିତ୍ର ଜ୍ଞାନ ନଥାଏ । ଜାତି ବର୍ଣ୍ଣ ନିର୍ବିଶେଷରେ ଭକ୍ତମାନେ ସଂକୀର୍ତ୍ତନରେ ଅଂଶଗ୍ରହଣ କରିଥାଆନ୍ତି । ତେଣୁ ସଂକୀର୍ତ୍ତନ ଅଭୀଷ୍ଟ ପ୍ରଦାୟକ କଳିଯୁଗର ସର୍ବୋତ୍କୃଷ୍ଟ ସହଜ ଏବଂ ସରଳ ସାଧନ ଅଟେ । ଅତିବଡ଼ି ଜଗନ୍ନାଥ ଦାସଙ୍କ ଭାଷାରେ–

ସତ୍ୟଯୁଗରେ ଧାନ ଫଳ,
ତ୍ରେତାରେ ଯଜ୍ଞାଦି ସକଳ ।
ଦ୍ୱାପରେ ହରି ପୂଜା ଜ୍ଞାନ,
କଳିଯୁଗେ ନାମ କୀର୍ତ୍ତନ ।
ସେ କଳି କଳୁଷ ନାଶନ,
ଯେମୁଖେ କରିବେ କୀର୍ତ୍ତନ ।
ତୋହର ନାମ ଯଶଗୁଣ, ଯେ
କରେ ଶ୍ରବଣ କୀର୍ତ୍ତନ ।
ତୋର ଚରିତ ସୁଧା ପାନ,
ନିରତେ କରେ ଯାର ମନ ।
ସେ ପ୍ରାଣୀ ଭବୁଁ ଯିବେ ତରି, ବିପ୍ର
ନ ତରେ କର୍ମ କରି ।

କଳିଯୁଗରେ ଭଗବାନ୍‌ଙ୍କର ନାମର ମହିମା ସର୍ବାଧିକ । ଯଦ୍ୟପି ଚାରି ଯୁଗରେ ଭଗବାନ୍‌ଙ୍କର ମହିମା ବିସ୍ତାରିତ, ତଥାପି କଳିଯୁଗରେ ଭଗବନାମ ହିଁ ମୁଖ୍ୟ ଆଧାର ଓ ଆଶ୍ରୟ । ଏହା ହିଁ କଲ୍ୟାଣ ସହଜ ଏବଂ ସର୍ବଶ୍ରେଷ୍ଠ ସାଧନ ।

ଶ୍ରୀମଭାଗବତର ଉପସଂହାରରେ ସଂକୀର୍ତ୍ତନ ବିଷୟରେ ଉଲ୍ଲେଖ ଅଛି । ଯଥା-

ନାମସଂକୀର୍ତ୍ତନଂ ଯସ୍ୟ
ସର୍ବପାପପ୍ରଣାଶନମ୍ ।
ପ୍ରଣାମୋ ଦୁଃଖସମନସ୍ତଂ ନମାମି
ହରିଂ ପରମ୍ । (୧୨/୩/୨୩)

ଅର୍ଥାତ୍ ଯାହାଙ୍କ ନାମ ସଂକୀର୍ତ୍ତନ କଲେ ସମସ୍ତ ପାପ ଭସ୍ମ ହୋଇଯାଏ ଏବଂ ଯାହାଙ୍କୁ ପ୍ରଣାମ କଲେ ସମସ୍ତ ଦୁଃଖ ପ୍ରଶମିତ ହୋଇଥାଏ, ସେହି ପରମତତ୍ତ୍ୱ ସ୍ୱରୂପ ଶ୍ରୀହରିଙ୍କୁ ମୋର ନମସ୍କାର ।

ବିଭିନ୍ନ ବାଦ୍ୟ ବାଦନ ପୂର୍ବକ ରାଗରାଗିଣୀ ସହ ଉଚ୍ଚ ସ୍ୱରରେ ନାମ ଗାୟନ କରାଯାଏ । ଭଗବାନଙ୍କର ନାମ ବ୍ୟତୀତ ଗୁଣ, ପ୍ରଭାବ ଆଦି ମଧ କୀର୍ତ୍ତନ କରାଯାଇଥାଏ । କିନ୍ତୁ ନାମ ସଂକୀର୍ତ୍ତନ ସବୁଠାରୁ ସହଜ ଓ ଶ୍ରେଷ୍ଠ ଅଟେ । ତେଣୁ ଏହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ । ସଂକୀର୍ତ୍ତନରେ ଆତ୍ମପ୍ରଦର୍ଶନ, ଅଭିମାନ, ଅହମିକା ରହିଲେ ତାହାର ପ୍ରଭାବ ନଷ୍ଟ ହୁଏ । ଭାବାବେଶରେ ଭଗବାନଙ୍କଠାରେ ମନୋନିବେଶ ପୂର୍ବକ କୀର୍ତ୍ତନ କରଣୀୟ । କୀର୍ତ୍ତନରେ ଲୌକିକ ବାସନା ରହିବା ଅନୁଚିତ । କୀର୍ତ୍ତନ ସମୟରେ ତନ୍ମୟତା ଆବଶ୍ୟକ । ସ୍ୱକୀୟ କୀର୍ତ୍ତନ ଦ୍ୱାରା ଅନ୍ୟମାନେ କିପରି ପ୍ରଭାବିତ ହେଉଛନ୍ତି ସେ କଥା ଚିନ୍ତା କଲେ ଆତ୍ମ-କଲ୍ୟାଣ ସାଧିତ ହୁଏ ନାହିଁ ।

କୀର୍ତ୍ତନ ହେଉଥିବା ସ୍ଥାନରେ ପ୍ରଭୁ ସ୍ୱତଃ ବିରାଜମାନ କରନ୍ତି । କାରଣ ଭକ୍ତମାନେ ସେଠାରେ ତାଙ୍କୁ ଆହ୍ୱାନ କରିଥାଆନ୍ତି । ଭକ୍ତମାନେ ହିଁ ଭଗବାନଙ୍କର ଅତୀବ ପ୍ରିୟ ଅଟନ୍ତି । ଭକ୍ତ ଓ ଭଗବାନଙ୍କ ମଧରେ ସଂକୀର୍ତ୍ତନ ହିଁ ସଂଯୋଗର ସେତୁ ।

ନାହଂ ବସାମି ବୈକୁଣ୍ଠେ
ଯୋଗିନାଂ ହୃଦୟେ ନ ଚ ।
ମଦ୍‌ଭକ୍ତା ଯତ୍ର ଗାୟନ୍ତି ତତ୍ର
ତିଷ୍ଠାମି ନାରଦ ।। (ଆଦି.ପୁ ୧୯/୩୫)

ଭଗବାନ୍ ନାରଦଙ୍କୁ କହିଛନ୍ତି ଯେ ସେ ବୈକୁଣ୍ଠ ବା ଯୋଗୀମାନଙ୍କ ହୃଦୟରେ ନିବାସ କରନ୍ତି ନାହିଁ, ଯେଉଁଠାରେ ଭକ୍ତମାନେ ତାଙ୍କ ନାମ, ଗୁଣାଦି କୀର୍ତ୍ତନ କରନ୍ତି, ସେଠାରେ ସେ ବାସ କରନ୍ତି ।

ଯେଉଁଠାରେ ଭଗବାନ୍‌ଙ୍କର ନାମସଂକୀର୍ତ୍ତନ ହେଉଥାଏ ଅଥବା ପୂର୍ବରୁ ହୋଇଥାଏ, ସେ ସ୍ଥାନକୁ ଗଲେ ପାପ କ୍ଷୟ ହୁଏ, ଶାନ୍ତି ମିଳେ, ପବିତ୍ରତା ଆସେ । କୀର୍ତ୍ତନପ୍ରେମୀ, କୀର୍ତ୍ତନଶ୍ରବଣକାରୀ ଏବଂ ଉପସ୍ଥିତ ଦର୍ଶକମାନଙ୍କ ଉପରେ କୀର୍ତ୍ତନର ପ୍ରଭାବ ପରିଲକ୍ଷିତ ହୁଏ । ସଂକୀର୍ତ୍ତନରେ ଆନନ୍ଦ ଓ ପ୍ରେମ ରୂପରେ ଭଗବାନ୍ ଆବିର୍ଭୂତ ହୋଇଥାଆନ୍ତି । ସେଥିରୁ 'ଯେଉଁରସ ମିଳେ ତାହା କେବଳ ସଂକୀର୍ତ୍ତନକାରୀଙ୍କ ଅନୁଭବ ସାପେକ୍ଷ । ସଂକୀର୍ତ୍ତନରେ ପରିବେଶ ଓ ବାୟୁମଣ୍ଡଳ ପବିତ୍ର ହୁଏ । ଶବ୍ଦ ଅତି ବ୍ୟାପକ ତାହା ଆଧୁନିକ ବିଜ୍ଞାନ ଦ୍ୱାରା ପ୍ରମାଣିତ ହୋଇ ସାରିଛି କିନ୍ତୁ ଶବ୍ଦଠାରୁ ଭାବ ଯେ ଆହୁରି ବ୍ୟାପକ ଏକଥା ପ୍ରମାଣିତ ହୋଇପାରି ନାହିଁ । ଶବ୍ଦଠାରୁ ଭାବ ଅଧିକ ସୂକ୍ଷ୍ମ ହୋଇଥିବାରୁ ତାହା ଅଧିକ ବ୍ୟାପକ ହୋଇଥାଏ । ଭଗବଦ୍‌ଭାବର ଅସାଧାରଣ ପ୍ରଭାବ ସଂସାରକୁ ଅପୂର୍ବ ଶାନ୍ତି ପ୍ରଦାନ କରିଥାଏ ।

ଶବ୍ଦଶକ୍ତେରଚିନ୍ତ୍ୟତ୍ୱାଚ୍ଛବ୍ଦା
ଦେବାପରୋକ୍ଷଧୀଃ ।
ପ୍ରସୁପ୍ତଃ ପୁରୁଷୋ
ଯଦ୍‌ବଚ୍ଛବ୍ଦେନୈବାବବୁଧ୍ୟତେ ।
(ସଦାଚାରାନୁସନ୍ଧାନମ-୧୯)

ଶବ୍ଦରେ ଅଲୌକିକ ଶକ୍ତି ନିହିତ । ସୁପ୍ତ ମନୁଷ୍ୟର ଇନ୍ଦ୍ରିୟଗଣ ତାର ମନରେ, ମନ ବୁଦ୍ଧିରେ ଏବଂ ବୁଦ୍ଧି ଅବିଦ୍ୟାରେ ଲୀନ ହୁଏ । କିନ୍ତୁ ସୁପ୍ତ ମନୁଷ୍ୟକୁ କେହି ନାମଧରି ଡାକିଲେ ସେ ଜାଗ୍ରତ ହୁଏ । ଯଦ୍ୟପି ଅନ୍ୟ ଶବ୍ଦର ପ୍ରଭାବରେ ତା'ର ନିଦ୍ରାଭଙ୍ଗ ହୋଇଥାଏ ତଥାପି 'ନାମ' ଉଚ୍ଚାରଣ କରି ଡ଼ାକିଲେ ଅବିଦ୍ୟାରେ ବିଲୀନ ଶ୍ରବଣେନ୍ଦ୍ରିୟ ଅଧିକ ପ୍ରଭାବିତ ହୋଇଥାଏ । ଭଗବନ୍ନାମ ସଂକୀର୍ତ୍ତନ ଦ୍ୱାରା ଜନ୍ମଜନ୍ମାନ୍ତରରୁ ଅଜ୍ଞାନ-ନିଦ୍ରାରେ ବିମୋହିତ ମନୁଷ୍ୟ ଜାଗ୍ରତ ହୋଇଥାଏ । ନାମ ସଂକୀର୍ତ୍ତନ ପ୍ରଭାବରେ ସର୍ବବ୍ୟାପକ ଭଗବାନ୍ ମଧ ଆବିର୍ଭୂତ ହୋଇଥାଆନ୍ତି । ବାଦ୍ୟଯନ୍ତ୍ର ସହ ମିଳିତ ଭାବରେ ସମସ୍ୱରରେ କୀର୍ତ୍ତନ କଲେ ସେଥିରୁ ବିଲକ୍ଷଣ ଶକ୍ତି ଆସେ, ଯେହେତୁ ଉଲ୍ଲେଖ ଅଛି 'ସଂଘ ଶକ୍ତି କଳୌ ଯୁଗେ' । କୀର୍ତ୍ତନ ସମୟରେ ମୁଦ୍ରିତ ଚକ୍ଷୁ ପୂର୍ବକ ଚିନ୍ତା କରିବା ଉଚିତ ଯେ କେବଳ ମୁଁ ଓ ମୋର ପ୍ରଭୁ ଏଠାରେ ବିରାଜମାନ । ଏଠାରେ ଯାହା ଶବ୍ଦାୟିତ ହେଉଛି ସେସବୁ ଭଗବାନଙ୍କର ହିଁ ସ୍ୱର । ଭଗବଦ୍‌ଭାବରେ କୀର୍ତ୍ତନ କଲେ ଅଧିକ ଫଳ ମିଳେ ଏବଂ କୌଣସି ପାପ ବା ଦୁର୍ଗୁଣ ରହେ ନାହିଁ । କେବଳ ଶୁଦ୍ଧ କୀର୍ତ୍ତନ ଦ୍ୱାରା ହିଁ ଭଗବାନଙ୍କୁ ସାକ୍ଷାତ୍ ଅନୁଭବ କରିହୁଏ ।

ନବଧାଭକ୍ତିକୁ ଭଗବାନଙ୍କର ସାମୀପ୍ୟ ଦୃଷ୍ଟିରୁ ତିନୋଟି ସ୍ତରରେ ବିଭକ୍ତ କରାଯାଇଛି । ଶ୍ରବଣ, କୀର୍ତ୍ତନ ଓ ସ୍ମରଣରେ ଭକ୍ତ ଭଗବାନଙ୍କ ନିକଟକୁ ଯିବାକୁ ଚେଷ୍ଟା କରେ । ପାଦସେବନ, ଅର୍ଚ୍ଚନ ଓ ବନ୍ଦନରେ ଭକ୍ତ ଭଗବାନଙ୍କୁ ନିକଟତର ମନେ କରେ । ଦାସ୍ୟ, ସଖ୍ୟ ଓ ଆତ୍ମ ନିବେଦନରେ ଭକ୍ତ ଭଗବାନଙ୍କର ନିକଟତମ ହୋଇଥାଏ । ଭଗବାନ୍ ଅର୍ଜୁନଙ୍କୁ କହିଛନ୍ତି-

ଗୀତ୍ୱା ଚ ମମ ନାମାନି
ବିଚରେନ୍ମମ ସନ୍ନିଧୌ ।
ଇତି ବ୍ରବୀମିତେ ସତ୍ୟ
କ୍ରୀତୋଽହଂ ତସ୍ୟ ଚାର୍ଜୁନ ?

ଅର୍ଥାତ୍ ଯେଉଁ ବ୍ୟକ୍ତି ମୋର ନାମ ଗାନ ପୂର୍ବକ ମୋ ନିକଟରେ ବିଚରଣ କରନ୍ତି, ମୁଁ ତାଙ୍କ ନିକଟରେ କ୍ରୀତଦାସ ରୂପେ ଅବସ୍ଥାନ କରେ, ଏ କଥା ମୁଁ ସତ୍ୟ କରି କହୁଛି ।

ସମସ୍ତ ଦୁଃଖର ବିନାଶ ଏବଂ ଶାନ୍ତିଲାଭ ନିମିତ୍ତ ଭଗବାନଙ୍କର କୀର୍ତ୍ତନ କରିବା ପାଇଁ ଶ୍ରୀମଭାଗବତରେ ଉପଦେଶ ରହିଛି ।

ସଂକୀର୍ତ୍ତ୍ୟମାନୋ ଭଗବାନନନ୍ତଃ
ଶ୍ରୁତାନୁଭାବୋ ବ୍ୟସନଂ ହି
ପୁଂସାମ୍ ।
ପ୍ରବିଶ୍ୟ ଚିତ୍ତଂ ବିଧୁନୋତ୍ୟଶେଷ
ଯଥା
ତମୋଽର୍କୋଽଭ୍ରମିବାତିବାତଃ ।।
(୧୨/୧୨/୪୭)

ଅର୍ଥାତ୍, ଅନନ୍ତ ଭଗବାନ୍‌ଙ୍କର ନାମ, ଲୀଳା, ଗୁଣ ଆଦିର ସଂକୀର୍ତ୍ତନ କଲେ ଅଥବା ତାଙ୍କର ପ୍ରଭାବ ମହିମା ଆଦିର ଶ୍ରବଣ କଲେ ସେ ସ୍ୱୟଂ ହୃଦୟରେ ବିରାଜମାନ କରନ୍ତି ଏବଂ ଶ୍ରବଣ ତଥା କୀର୍ତ୍ତନ କରୁଥିବା ପୁରୁଷର ସମସ୍ତ ଦୁଃଖ ଦୂର କରନ୍ତି, ଯେପରି ସୂର୍ଯ୍ୟ ଅନ୍ଧକାରକୁ ଏବଂ ମେଘକୁ ଛିନ୍ନ ଭିନ୍ନ କରି ଦିଅନ୍ତି ।

ଚୈତନ୍ୟ ମହାପ୍ରଭୁତାଙ୍କର ରଚିତ 'ଶିକ୍ଷାଷ୍ଟକ'ର ଆଦ୍ୟରୁ ହିଁ ସଂକୀର୍ତ୍ତନର ଜୟ ଜୟକାର କରିଛନ୍ତି ଯଥା-

ଚେତୋଦର୍ପଣମାର୍ଜନଂ
ଭବମହାଦାବାଗ୍ନିନିର୍ବାପଣଂ
ଶ୍ରେୟଃ କୈରବଚନ୍ଦ୍ରିକାବିତରଣଂ
ବିଦ୍ୟାବଧୂଜୀବନମ୍ ।
ଆନନ୍ଦାମ୍ବୁଧିବର୍ଦ୍ଧନଂ ପ୍ରତିପଦଂ
ପୂର୍ଣ୍ଣାମୃତାସ୍ୱାଦନଂ
ସର୍ବାତ୍ମସ୍ନପନଂ ପରଂ ବିଜୟତେ
ଶ୍ରୀକୃଷ୍ଣସଂକୀର୍ତ୍ତନମ୍ ।

ଅନାଦି କାଳର ପୁଞ୍ଜୀଭୂତ ଧୂଳିରାଶିକୁ ଦୂରୀଭୂତ କରି ହୃଦୟ ଦର୍ପଣକୁ ଏହା ଶୁଦ୍ଧପୂତ କରିଦିଏ । ଜନ୍ମ ମୃତ୍ୟୁର ପରମ୍ପରାଯୁକ୍ତ ଭୌତିକ ସଂସାରର ଘୋର ଦାବାନଳକୁ ଏହା ନିର୍ବାପିତ କରିଦିଏ । ସମଗ୍ର ବିଶ୍ୱ ନିମିତ୍ତ ଏହା ହିଁ ସର୍ବଶ୍ରେଷ୍ଠ ଆଶୀର୍ବାଦ ସ୍ୱରୂପ, କାରଣ ଆଧାତ୍ମିକ କୁମୁଦିନୀକୁ ଉଲ୍ଲସିତ କରିବାକୁ ଏହା କମନୀୟ ଚନ୍ଦ୍ର ସଦୃଶ ଅଟେ । ଅଧାତ୍ମ ରୂପକ ବଧୂର ଏହା ଜୀବନ ସ୍ୱରୂପ । ଏହା ଦିବ୍ୟ ଆଧାତ୍ମିକ ସାଗରରେ ଆନନ୍ଦ ଉର୍ମି ସୃଷ୍ଟି ପୂର୍ବକ ପ୍ରତ୍ୟେକ ପଦରୁ ଆମ୍ଭମାନଙ୍କ ନିମିତ୍ତ ଦିବ୍ୟ ଅମୃତର ସ୍ୱାଦ ଆଣିଦିଏ ।

କଳିଯୁଗରେ ନାମସଂକୀର୍ତ୍ତନ ବ୍ୟତୀତ ପ୍ରାଣୀର ମୁକ୍ତି ପାଇଁ ଅନ୍ୟ କିଛି ପନ୍ଥା ନଥିବା ବିଷୟରେ 'କଳିସନ୍ତରଣୋପନିଷଦ୍'ରେ ମଧ ଉଲ୍ଲେଖ ଅଛି । ଯଥା-

ହରେର୍ନାମ ହରେର୍ନାମ
ହରେର୍ନାମୈବ କେବଳମ୍ ।
କଳୌ ନାସ୍ତ୍ୟେବ ନାସ୍ତ୍ୟେବ
ନାସ୍ତ୍ୟେବ ଗତିରନ୍ୟଥା ।।
(ନାରଦପୁରାଣ)

ସଂକୀର୍ତ୍ତନ ଝାଞ୍ଜ ଓ ମୃଦଙ୍ଗର ବାଦନ ସହ କରାଯାଏ । କୀର୍ତ୍ତନ ମଧରେ ହରିବୋଲ ଧ୍ୱନି ମଧ ଦିଆଯାଏ । କୀର୍ତ୍ତନରେ ବ୍ୟବହୃତ ମୃଦଙ୍ଗ ହରିକୀର୍ତ୍ତନ ବିମୁଖ ବ୍ୟକ୍ତିଙ୍କୁ କିଭଳି ନିଜ ତାଳରେ (ଧିକ୍, ତାନ) ଧିକ୍କାର କରେ ତା'ର ସୁନ୍ଦର ବର୍ଣ୍ଣନା ଶ୍ରୀଧରସ୍ୱାମୀଙ୍କ କୃତିରେ ଦ୍ରଷ୍ଟବ୍ୟ ।

ଯେଷଂ ଶ୍ରୀମଦ୍ୟଶୋଦାସୁତପଦକମଳେ
ନାସ୍ତି ଭକ୍ତିର୍ନରାଣାମ୍ ।
ଯେଷାମାଭୀରକନ୍ୟାପ୍ରିୟ
ଗୁଣକଥନେ ନାନୁରକ୍ତା ରସଜ୍ଞାଃ ।
ଯେଷାଂ ଶ୍ରୀକୃଷ୍ଣଲୀଳାଲଳିତ
ରସକଥା ସାଦରୌ ନୈବ କର୍ଣ୍ଣୌ ।
ଧିକ୍ ତାନ୍ ଧିକ୍ ତାନ୍ ଧିଗେତାନ୍
କଥୟତି ନିୟତଂ କୀର୍ତ୍ତନସ୍ଥୋ
ମୃଦଙ୍ଗଃ ?

ଅର୍ଥାତ୍ ଯଶୋଦାନନ୍ଦନଙ୍କ ଚରଣକମଳରେ ଯେଉଁମାନଙ୍କର ଭକ୍ତି ନାହିଁ, ଗୋପକୁମାରୀମାନଙ୍କ ପ୍ରାଣାଧାରଙ୍କ ଗୁଣଗାନରେ ଯେଉଁମାନଙ୍କର ରସନା ଅନୁରାଗିଣୀ ନୁହେଁ ଏବଂ ଯେଉଁମାନଙ୍କର କର୍ଣ୍ଣ ଅତି ଲଳିତ ଶ୍ରୀକୃଷ୍ଣଲୀଳା ମୃତ ରସ ପାଇଁ ତୃଷିତ ନୁହେଁ । ସେମାନଙ୍କ ପାଇଁ କୀର୍ତ୍ତନରେ ନିନାଦିତ ମୃଦଙ୍ଗ (ଧିକ୍ ତାନ୍ ଧିକ୍ ତାନ୍ ଧିଗେ ତାନ୍) ସେମାନଙ୍କୁ ତ୍ରିବାର ଧିକ୍କାର କରୁଛି ।

ମାନସ, ଉପାଂଶୁ ଏବଂ ବାଚିକ ଏପରି ତ୍ରିବିଧ ଜପଠାରୁ ମଧ କଳିଯୁଗରେ ସଂକୀର୍ତ୍ତନ ଶ୍ରେଷ୍ଠ । କେବଳ ମନେ ମନେ ଜପକୁ ମାନସ, ସ୍ୱୟଂ ଶୁଣିପାରିଲାଭଳି ଧୀର ସ୍ୱରର ଜପକୁ ଉପାଂଶୁ ଏବଂ ଉଚ୍ଚସ୍ୱରରେ ଉଚ୍ଚାରଣପୂର୍ବକ ଜପକୁ ବାଚିକ କୁହାଯାଏ । ବହୁ ଲୋକ ମିଳିତ ଭାବରେ ଏକ ସ୍ୱରରେ ନାମ ଗାନ କରିବାକୁ ସଂକୀର୍ତ୍ତନ କହନ୍ତି ।

ଭଗବାନଙ୍କର କୀର୍ତ୍ତନ କରିବାର ଅଧିକାରୀ ସମ୍ବନ୍ଧରେ ଶିକ୍ଷାଷ୍ଟକରେ ତୃତୀୟ ପଦରେ ଉଲ୍ଲେଖ ଅଛି-

ତୃଣାଦପି ସୁନୀଚେନ
ତରୋରପି ସହିଷ୍ଣୁନା ।
ଅମାନିନା ମାନଦେନ
କୀର୍ତ୍ତନୀୟଃ ସଦା ହରି ।।

ଅର୍ଥାତ୍ ପଥପ୍ରାନ୍ତ ତୃଣଠାରୁ ଯେ ନିଜକୁ ତୁଚ୍ଛ ମନେକରେ, ବୃକ୍ଷଠାରୁ ଯେ ଅଧିକ ସହିଷ୍ଣୁ, ଯେ ସମ୍ମାନ ଆଶାୟୀ ନୁହେଁ ମାତ୍ର ଅପର ପକ୍ଷରେ ସମସ୍ତଙ୍କୁ ସମ୍ମାନ ପ୍ରଦର୍ଶନ କରିଥାଏ, ସେ ହିଁ ସର୍ବଦା ଭଗବାନଙ୍କର ସଂକୀର୍ତ୍ତନ କରିପାରେ । ଭକ୍ତ ନିଜର ଯୋଗ୍ୟତା, ପଦମର୍ଯ୍ୟାଦା, ବିଦ୍‌ବତ୍ତା ନିମିତ୍ତ ନିଜକୁ ସମ୍ମାନର ଅଧିକାରୀ ମନେ ନ କରି ସେସବୁକୁ ଭଗବାନଙ୍କର ଆଶୀର୍ବାଦ ମନେ କରି ତାଙ୍କ ପ୍ରତି କୃତଜ୍ଞତା ପ୍ରଦର୍ଶନ ପୂର୍ବକ ନିଜର ଅଜ୍ଞତା ନିମିତ୍ତ କ୍ଷମା ଯାଚନା କରିବା ଉଚିତ । ଯାହାର ହୃଦୟରେ ନିରଭିମାନତା, ସହିଷ୍ଣୁତା, ଅମାନିତା, ମାନଦାତୃତା ପରି ସର୍ବସିଦ୍ଧିର ମୂଳଭୂତ ଗୁଣଚତୁଷ୍ଟୟ ପ୍ରକାଶିତ ତାହାର ଅଜ୍ଞାନ ଅନ୍ଧକାର ଦୂରୀଭୂତ ହୁଏ ଏବଂ ପରମ ଶାନ୍ତି ମୁକ୍ତିର ସାଧନ ସଂକୀର୍ତ୍ତନର ଦିବ୍ୟ ପ୍ରଭାବରେ ସେ ଭଗବନ୍ମୟ ହୋଇଯାଏ ।

### ଆଜିର ଚିନ୍ତନ

ଥରେ ଦେବତାଙ୍କ ଭିତରେ ବିବାଦ ଆରମ୍ଭ ହୋଇଗଲା ଯେ, ସର୍ବପ୍ରଥମେ କେଉଁ ଦେବତାର ପୂଜା ହେବା ଉଚିତ ? ଏଥିପାଇଁ ସବୁ ଦେବତା ନିଜ ନିଜର ଗୁଣ, ପ୍ରତିଭା, ଶକ୍ତି, ପ୍ରଭାବ ଆଦି ବିଷୟରେ ବଖାଣିବାରେ ଲାଗିଲେ । ଏହି ବଖାଣିବାରେ ପ୍ରତିଦ୍ୱନ୍ଦ ଓ କଳହ ବଢ଼ିଗଲା । କୌଣସି ସମାଧାନ ନମିଳିବାରୁ ଶେଷରେ ସମସ୍ତେ ବ୍ରହ୍ମାଙ୍କ ଶରଣ ନେଇ ସମାଧାନର ପ୍ରାର୍ଥନା କଲେ । ବ୍ରହ୍ମା କହିଲେ, ସମସ୍ତେ ତୀର୍ଥଯାତ୍ରା କରି ପୁଣ୍ୟାର୍ଜନ କର । ଯାହାର ପୁଣ୍ୟ ଅଧିକ ହେବ, ସେ ଅଗ୍ରପୂଜ୍ୟ ହେବ ।

ଦେବତାଗଣ ନିଜ ନିଜର ବାହନ ନେଇ ବାହାରି ପଡ଼ିଲେ ବଡ଼ ବଡ଼ ତୀର୍ଥ ସେବନକରି ସର୍ବାଧିକ ପୁଣ୍ୟାର୍ଜନପାଇଁ । କିନ୍ତୁ ଗଣେଶ ଭାବିଲେ, ନିଜ ଆତ୍ମାଠାରୁ ବଳି କୌଣସି ଦେବତା ନାହିଁ ଏବଂ ତାଙ୍କ ସାନ୍ନିଧ୍ୟ ପ୍ରାପ୍ତିର ପ୍ରୟାସଠାରୁ କୌଣସି ତୀର୍ଥ ନାହିଁ । ଏହା ଭାବି ସେ ଗହନ ଆତ୍ମନରେ ବସିଗଲେ ।

ସମସ୍ତ ଦେବତା ତୀର୍ଥଯାତ୍ରାକରି ଫେରିଆସିଲେ । ଦେଖିଲେ, ଗଣେଶ ସେହିଠାରେ ହିଁ ବସିଛନ୍ତି ଯେଉଁଠାରେ ସମସ୍ତ ଦେବତା ତୀର୍ଥଯାତ୍ରାପାଇଁ ବାହାରିବା ସମୟରେ ବସିଥିଲେ । ତାଙ୍କ ଆସନ ବି ବଦଳିନାହିଁ । କିଛି ଦେବତା ମନେ ମନେ ଭାବିଲେ– ଇଏ ଗୋଟିଏ ମୋଟାବୁଦ୍ଧିଆ । ଗୋଟିଏ ସ୍ଥାନରେ ବସିରହିଲେ କ'ଣ ତୀର୍ଥସେବନ ହୁଏ ? କେହି ଭାବୁଛି– ଅଳସୁଆମାନଙ୍କୁ ଉଠିବାପାଇଁ ବି ତ ପରିଶ୍ରମ ଦରକାର । କିଏ ସେତିକି ହାତ ଗୋଡ଼ ହଲାଇବ ? ସୁନ୍ଦର ଖାଇବା ପିଇବା ମିଳିଗଲେ ଆରାମଠୁ ବଳି ଆୟାରାମ କାହିଁ ?

ବ୍ରହ୍ମା ସମସ୍ତ ଦେବତାଙ୍କୁ ପଚାରିଲେ, କିଏ କେଉଁ ତୀର୍ଥକରି ଆସିଛ । ସମସ୍ତେ ବଡ଼ ବଡ଼ ତୀର୍ଥସେବନ କଥା କହି ଅଧିକ ପୁଣ୍ୟର ଅଧିକାରୀ ଓ ପ୍ରଥମପୂଜ୍ୟ ହେବାର ଦାବି କଲେ । ଶେଷରେ ଗଣେଶଙ୍କୁ ପଚାରିବାରୁ ସେ କହିଲେ, 'ମୁଁ ମୋ ସ୍ଥାନରେ ହିଁ ତୀର୍ଥଯାତ୍ରା କରିଛି । ଅବଶ୍ୟ ଏହା ବାହ୍ୟ ତୀର୍ଥଯାତ୍ରାଠାରୁ ଭିନ୍ନ ଆନ୍ତରିକ ତୀର୍ଥଯାତ୍ରା ।'

ଏହାଶୁଣି ସବୁ ଦେବତା ଆଶ୍ଚର୍ଯ୍ୟ ହେଲେ । ବ୍ରହ୍ମାଙ୍କ ଆଦେଶରେ ଗଣେଶ ଅଧିକ ବୁଝାଇ କହିଲେ, ବାହ୍ୟ ତୀର୍ଥ ସେବନ କଲେ ମନରେ ହୁଏତ କିଛି ସନ୍ତୋଷ ହୋଇପାରେ । କିନ୍ତୁ ଆତ୍ମଶୋଧନ ଓ ଆତ୍ମଦର୍ଶନର ପ୍ରୟାସ କଲେ ଜୀବନ ଧନ୍ୟ ହୋଇଯାଏ । ଆତ୍ମସାକ୍ଷାତକାର ହୋଇଗଲେ ଅନ୍ୟ ତୀର୍ଥସେବନର ଆବଶ୍ୟକତା ପଡ଼େନାହିଁ ? ତେଣୁ ମୁଁ ଏହି ପ୍ରୟାସରେ ଲାଗିଗଲି ।

ବ୍ରହ୍ମା କହିଲେ, ଏହା ହିଁ ଅସଲ ତୀର୍ଥଯାତ୍ରା । ତୁମେମାନେ କେବଳ ମାଟି-ପଥର, ନଦୀନାଳରେ ମୁଣ୍ଡମାରି ଆସିଛ । ବାହ୍ୟ ତୀର୍ଥରେ ବୁଲି ମୂର୍ତ୍ତି-ପ୍ରତିମାର ପୂଜା କରିବା କୌଣସି ତୀର୍ଥଯାତ୍ରା ନୁହେଁ । ବିଚାର ଶୁଦ୍ଧ ଓ ଆତ୍ମା ପବିତ୍ର ହେବା ଦରକାର । ମୁଁ ଗଣେଶଙ୍କୁ ହିଁ ସର୍ବପ୍ରଥମ ପୂଜନୀୟ ଘୋଷିତ କରୁଛି ।

ବର୍ଷ ୨୭, ସଂଖ୍ୟା- ୧୦, ୦୫ - ୧୧ ମାର୍ଚ୍ଚ ୨୦୨୩

# ପରୀକ୍ଷାରେ ସଂସ୍କାର ଲୋଡ଼ା

ଏବେ ପରୀକ୍ଷାର ଋତୁ ଚାଲିଛି । ଛାତ୍ରଛାତ୍ରୀମାନେ ସେମାନଙ୍କର ଶ୍ରମର ମୂଲ୍ୟ ପାଇଁ ପ୍ରାୟତଃ ବ୍ୟାକୁଳ । ଅକୃତକାର୍ଯ୍ୟ ହେବାର ଭୟ ବି କିଛି ପିଲାଙ୍କୁ ଘାରିଛି । ଜୀବନ ହେଉଛି ଏକ ଲମ୍ବା ପରୀକ୍ଷା । ପିଲାମାନେ ପରୀକ୍ଷା ଦେବା ବେଳରୁ ହିଁ ଏକଥା ଶିଖିଥାନ୍ତି । ପରୀକ୍ଷା ପ୍ରଣାଳୀରେ ଅନେକ ତ୍ରୁଟି ବିଚ୍ୟୁତି ରହୁଛି । ତାର ସମୀକ୍ଷା ଏପର୍ଯ୍ୟନ୍ତ ବି କରାଯାଉନାହିଁ । ପରୀକ୍ଷାର ଢାଞ୍ଚାଗତ ପରିବର୍ତ୍ତନ କରାଯାଇ ପାରିନାହିଁ । ପୁରାତନ ଶୈଳୀରେ ହିଁ ପିଲାମାନଙ୍କୁ ଅନେକ ଚାପ ମଧରେ ପରୀକ୍ଷା ଦେବା ପାଇଁ ବାଧ କରାଯାଉଛି । ଏଣୁ ପରୀକ୍ଷାର ପଦ୍ଧତିଗତ ସଂସ୍କାର ଅତ୍ୟନ୍ତ ଜରୁରୀ । ପିଲାମାନେ ଚାପଶୂନ୍ୟ ଭାବେ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଉନାହିଁ । ଏଣୁ ଛାତ୍ରଛାତ୍ରୀମାନଙ୍କର ପ୍ରକୃତ ମୂଲ୍ୟାୟନ ହୋଇପାରୁ ନାହିଁ ।

ସୁଚାରୁ ରୂପେ ପରୀକ୍ଷା ପରିଚାଳନା ହେଉଛି ରାଷ୍ଟ୍ରର ଦାୟିତ୍ୱ । ପରୀକ୍ଷାରେ ସ୍ୱଚ୍ଛତା ନରହିଲେ ସୁନାଗରିକ ସୃଷ୍ଟି ହେବେ ନାହିଁ । ଆଗାମୀ ପିଢ଼ିକୁ ଦାୟିତ୍ୱ ସଂପନ୍ନ ନାଗରିକ ରୂପେ ଗଢ଼ି ତୋଳିବାର ସ୍ୱପ୍ନ ଦେଖାଏ ଆଜିର ଶିକ୍ଷା ବ୍ୟବସ୍ଥା । ଯଦି ପରୀକ୍ଷା ବ୍ୟବସ୍ଥା ସ୍ଥାଣୁ ହୋଇଯାଏ ତେବେ ଶିକ୍ଷା ସଂପୂର୍ଣ୍ଣ ଭୁଶୁଡ଼ି ଯାଏ । ମୋ ଜାଣିବାରେ ଶହେରୁ ମାତ୍ର ଦୁଇ ତିନି ପ୍ରତିଶତ ପରିଶ୍ରମ କରି ପରୀକ୍ଷାରେ ସଫଳତା ପାଇଁ ସ୍ୱପ୍ନ ଦେଖିଥାନ୍ତି । ସେହି ଦୁଇ ତିନି ପ୍ରତିଶତଙ୍କ ପ୍ରତି ସମାଜର ସବୁସ୍ତରର ଦୃଷ୍ଟି ପଡିଥାଏ । ସେହି ଦୁଇ ତିନି ପ୍ରତିଶତଙ୍କୁ ଶିକ୍ଷାବ୍ୟବସ୍ଥାରୁ ହଟେଇ ଦେବା ପାଇଁ ବିଭିନ୍ନ ପ୍ରକାର ଚାପ ଅଥବା କୌଶଳ ଗ୍ରହଣ କରାଯାଏ । ଏହା ଏକ ଉତ୍ତମ ପରମ୍ପରା ନୁହେଁ ।

ସତ୍ୟ ଆଉ ସାଧୁତା ପାଇଁ ଦୁଇ ତିନି ପ୍ରତିଶତ ପିଲା ପକ୍ଷପାତିତାର, ଶିକାର ହୁଅନ୍ତି । ସମାଜକୁ ଆସ୍ତେ ଆସ୍ତେ ଘୃଣା କରିବାକୁ ଲାଗନ୍ତି । ସାମାଜିକତା ପ୍ରତି ଦୃଷ୍ଟି ନଦେଇ ନ୍ୟାୟ ପାଇଁ ସେମାନେ ନିଜର ଦୃଷ୍ଟିଭଙ୍ଗୀ ବଦଳାଇଥାନ୍ତି । ପରୀକ୍ଷା ଦେବା ପୂର୍ବରୁ ପରୀକ୍ଷା କେନ୍ଦ୍ରର ଶିକ୍ଷକମାନଙ୍କ ସହ ଅଭିଭାବକଙ୍କ ଗୁପ୍ତରେ ମୂଲଚାଲ ହୋଇଥାଏ । ଅଭିଭାବକମାନେ ଏହାକୁ ସେମାନଙ୍କର କର୍ତ୍ତବ୍ୟ ବୋଲି ଭାବିଥାଆନ୍ତି । ଶିକ୍ଷକମାନେ ନିଜର କ୍ଷମତାର ପୁରସ୍କାର ବୋଲି ବିବେଚନା କରନ୍ତି । ଶିକ୍ଷାପାଇଁ ଏକ ସଠିକ ଦିଗ ବୋଲି ମୁଁ ଭାବେ ନାହିଁ । ପରୀକ୍ଷା ପୂର୍ବରୁ ଅଧିକାରୀମାନଙ୍କୁ - ଖୁସିକରି କେନ୍ଦ୍ର ନିର୍ଦ୍ଧାରଣ କରି ଅଭିଭାବକମାନେ ନିଜର ବାହାସ୍ଫୋଟ ମାରିବା ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ ବୋଲି ମନେକରେ ।


ଆଜିକାଲି ଭଲପିଲା ଅର୍ଥାତ ନିରୀହ ପିଲାମାନଙ୍କୁ ପରୀକ୍ଷା କେନ୍ଦ୍ରରେ ଭ୍ରାମ୍ୟମାଣ ନିରୀକ୍ଷକମାନଙ୍କ ସାମ୍ନାରେ 'ଅଭ୍ୟାସଗତ କପିଷ୍ଟ'ର ଆଖ୍ୟାଦେଇ ସମାଜରେ ନିନ୍ଦିତ କରାଯାଉଛି । ଶିକ୍ଷାବୋର୍ଡ ବି ସେମାନଙ୍କର ବହୁମୂଲ୍ୟ ସମୟକୁ ବରବାଦ କରିଦେଇ ପରୀକ୍ଷାର ଅନ୍ତର କରାଯାଉଛି । ସେମାନେ ହୁଏତ ମାନସିକ ବିଷାଦଗ୍ରସ୍ତ ହୋଇ ଜୀବନପ୍ରତି ନିଷ୍ଠୁର ଅଥବା ଚରମ ପଦକ୍ଷେପ ନେଉଛନ୍ତି ।

ପରୀକ୍ଷାରେ ଅଧିକାଂଶ ଛାତଛାତ୍ରୀ କହିଦାରା ଆକ୍ରାନ୍ତ ମାତ୍ର ପରୀକ୍ଷାରେ ଅଧିକାଂଶ ଛାତ୍ରଛାତ୍ରୀ କପିଦ୍ୱାରା ଆକ୍ରାନ୍ତ ମାତ୍ର ଅଳ୍ପ କେତେଜଣଙ୍କୁ ଦଣ୍ଡ ବ୍ୟବସ୍ଥା କରି ପରୀକ୍ଷାକୁ ସୁଚାରୁ ଆଉ ନିରପେକ୍ଷ ଦାବି କରିବା ଉଚିତ । ହେଲେ ଛାତ୍ରଛାତ୍ରୀ ଉପରେ ଦୋଷର ବୋଝ ଲଦିଦେଇ ପରୀକ୍ଷାର ସ୍ୱଚ୍ଛତାକୁ ସାଧାରଣରେ ସନ୍ଦେହ ଦୃଷ୍ଟିରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପରାଧୀନତା ଅମଳରୁ ଦଣ୍ଡ ବ୍ୟବସ୍ଥାକୁ ଆଜି ଆମେ ସାଇତି ରଖିଛୁ । ପରୀକ୍ଷା ସ୍ୱଚ୍ଛତା ପାଇଁ ପଦ୍ଧତିଗତ ସଂସ୍କାର କରିପାରିନାହୁଁ । ଯାହାକି ଶିକ୍ଷା ବ୍ୟବସ୍ଥାର ଅପାରଗତା ଅଟେ । ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ବ୍ୟବସ୍ଥା ଥିଲେ ବି ସବୁବେଳେ କ୍ୟାମେରା ବନ୍ଦଥାଏ । କାରଣ ପରୀକ୍ଷା କେନ୍ଦ୍ରର ଅନିୟମିତତା ସବୁକିଛି ଧରାପଡିଯିବ । ଏଣୁ ପରୀକ୍ଷା ବ୍ୟବସ୍ଥାରେ ସବୁଛାତ୍ରଛାତ୍ରୀଙ୍କୁ ସମାନ ଦୃଷ୍ଟିରେ ଦେଖାଯିବା ଉଚିତ । କ୍ଷମତାଶାଳୀ ଆଉ ପ୍ରଭାବଶାଳୀମାନଙ୍କ ପିଲାଙ୍କ ପାଇଁ ପରୀକ୍ଷା କେନ୍ଦ୍ରରେ ଅଧକ ସୁବିଧା ସୁଯୋଗ ଦେବା ପରୀକ୍ଷା ପଦ୍ଧତି ନିୟମକୁ ଖିଲାପ କରେ ।

ଗଣତନ୍ତ୍ର ଯେମିତି ଅର୍ଥ ଆଉ ବାହୁବଳ ଦ୍ୱାରା ଚାଲେ ସେମିତି ପରୀକ୍ଷା କେନ୍ଦ୍ରରେ ମଧ ଦୃଷ୍ଟି ଗୋଚର ହୁଏ । ଅସାଧୁ ବାଟରେ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନଙ୍କ ଠାରୁ ଆମେ କିପରି ଏକ ଶୃଙ୍ଖଳିତ ସମାଜର କଥା ଭାବିପାରିବା । ପରୀକ୍ଷା ଅସାଧୁମାନଙ୍କ ପାଇଁ ସ୍ୱର୍ଗ ପାଲଟି ଯାଉଥିବା ବେଳେ ସତ୍ୟ ଆଉ ସାଧୁତା ପାଇଁ ଭୟରେ ପରିଣତ ହୋଇଅଛି । ଏମପି ପରି ଏକ କଠୋର ଦଣ୍ଡ ବ୍ୟବସ୍ଥା ନିରୀହ ଛାତ୍ରଛାତ୍ରୀ ମାନଙ୍କ ଉପରେ ଲଦି ଦିଆଯାଉଛି । କଠୋର ଦଣ୍ଡବ୍ୟବସ୍ଥା ପାଇଁ ଆହୁରି ସମୀକ୍ଷାର ଆବଶ୍ୟକତା ରହିଛି । ଆଧୁନିକ ସମାଜ ଶୃଙ୍ଖଳିତ ଆଉ ସଭ୍ୟମାନଙ୍କର ଭାବିବା ଉଚିତ । ପିଲାମାନଙ୍କୁ ସେମାନଙ୍କ ଭବିଷ୍ୟତପାଇଁ ସମୟ ବରବାଦର ଦୁର୍ଯୋଗ ସୃଷ୍ଟି ନହେଉ । ଶିକ୍ଷାଏକ ସତ ଚଲାପଥର ଆହ୍ୱାନ ସୃଷ୍ଟି କରୁ ।

# ଘୋଡ଼ାଦୌଡ଼

## ମହାତ୍ମା ଗାନ୍ଧୀ



ଘୋଡ଼ାଦୌଡ଼ ବିଷୟରେ ମୁଁ ଆଦୌ କିଛି ଜାଣିନାହିଁ । ତାହାର ଆନୁଷଙ୍ଗିକ ଗୁଡ଼ିକ ହେତୁ ମୁଁ ତାହାକୁ ସର୍ବଦା ଭୟର ସହିତ ଦେଖୁଛି । ଅନେକ ବ୍ୟକ୍ତିଙ୍କର ଘୋଡ଼ାଦୌଡ଼ରେ ମାତି ସର୍ବନାଶ ହୋଇଥିବାର ମୋତେ ଜଣାଅଛି ।

ଘୋଡ଼ା ଦଉଡ଼ରେ ହେଉଥିବା ଯୁଆଖେଳ ବିଷୟରେ କହିବାକୁ ଗଲେ, ମୁଁ ଯେତେଦୂର ଜାଣିଛି, ଆହୁରି ଅନେକ ବିଷୟ ପରି ଏଇଟି ମଧ ପାଶ୍ଚାତ୍ୟରୁ ଆମଦାନୀ ହୋଇ ଆସିଛି । ଯଦି ମୋ ହାତରେ କ୍ଷମତା ଥାଆନ୍ତା, ତେବେ ଘୋଡ଼ାଦୌଡ଼ ବ୍ୟାପାରରେ ନୂଆଖେଳକୁ ଯେତେ ଆଇନ୍‌ଗତ ପ୍ରଶ୍ରୟ ଦିଆଯାଇଛି, ମୁଁ ତାହାକୁ ପ୍ରତ୍ୟାହାର କରି ନିଅନ୍ତି । ଅନେକ ବ୍ୟକ୍ତିକୁ ମୁଁ ଯୁକ୍ତି କରିବାର ଶୁଣିଛି ଯେ, ଭଲ ଘୋଡ଼ା ସୃଷ୍ଟି କରିବା ପାଇଁ ଘୋଡା ଦଉଡର ଆବଶ୍ୟକତା ରହିଛି । ଏହି ଉକ୍ତିରେ ହୁଏତ କିଞ୍ଚିତ୍ ସତ୍ୟ ମଧ ଥାଇପାରେ । ଜୁଆ ନ ଖେଳି କ'ଣ ଘୋଡ଼ାଦୌଡ଼ କରି ହୁଅନ୍ତା ନାହିଁ ଅଥବା, ଭଲ ଘୋଡ଼ା ସୃଷ୍ଟି କରିବାଲାଗି ଜୁଆ ଖେଳିବାର ମଧ କ'ଣ ଏକ ଆବଶ୍ୟକତା ରହିଛି ?

ଘୋଡ଼ା ମାଂସ ଭଲ ଲାଗେ ବୋଲି ଘୋଡ଼ାଦୌଡ଼ ଓ ତତ୍‌ସଂପୃକ୍ତ ଅନ୍ୟ ଯାବତୀୟ ଉତ୍ତେଜନାକୁ ସୃଷ୍ଟି କରିବା ସମ୍ପୂର୍ଣ୍ଣଭାବରେ ଅନାବଶ୍ୟକ । ସେଗୁଡ଼ିକ କେବଳ ମନୁଷ୍ୟ ସମାଜର ପାପ ମାନଙ୍କୁ ବଢ଼ାଇବାରେ ସହାୟକ ହୋଇଥାନ୍ତି ଏବଂ ସେଥିଲାଗି କୃଷିଯୋଗ୍ୟ ଉତ୍ତମ ସ୍ଥାନ ତଥା ଉତ୍ତମ ଅର୍ଥକୁ ମଧ ବରବାଦ କରିବାକୁ ପଡ଼ିଥାଏ । ଘୋଡ଼ାଦୌଡ଼କୁ ନେଇ ଯେଉଁ ଜୁଆଖେଳ ହୁଏ, ତଦ୍ୱାରା କେତେ କେତେ ଉତ୍ତମ ମନୁଷ୍ୟ ବରବାଦ ହୋଇ ଯାଉଥିବାର ମୋ'ପରି କିଏ ଦେଖୁନାହିଁ ? ବର୍ତ୍ତମାନ ସମୟ ଆସିଛି ଯେ, ଆମେ ପାଶ୍ଚାତ୍ୟର ପାପଗୁଡ଼ିକୁ ପରିହାର କରିବା ଏବଂ ତାହାର ସର୍ବୋତ୍ତମ ଅବଦାନଗୁଡ଼ିକୁ ଗ୍ରହଣ କରିବା ନିମନ୍ତେ ଚେଷ୍ଟା କରିବା ।

ମୁଁ ପୂର୍ବଜନ୍ମ ଏବଂ ପୁନର୍ଜନ୍ମରେ ବିଶ୍ୱାସ କରେ । ପୂର୍ବର ଜନ୍ମଟିରୁ ଆମେ ଯେଉଁସବୁ ସଂସ୍କାରକୁ ସାଙ୍ଗରେ ନେଇ ଆସିଥାଉ, ଆମର ଯାବତୀୟ ସମ୍ବନ୍ଧଗୁଡ଼ିକ ହେଉଛି ତାହାରି ପରିଣାମ । ଈଶ୍ୱରଙ୍କର ବିଧାନମାନ ଅବୋଧ ହୋଇ ରହିଥାଏ ଏବଂ ସୀମାହୀନ ଅନୁସନ୍ଧାନର ବିଷୟ ହୋଇ ରହିଥାଏ । କେହି କଦାପି ତା'ର ତଳକୁ ଭେଦ କରିପାରିବ ନାହିଁ ।

ଗଙ୍ଗା ଓ ଯମୁନା କେବଳ ଦୁଇଟି ନୁହନ୍ତି, ଅନେକ । ...ଆମେ ଯେଉଁ ଦେଶରେ ବାସ କରୁଛୁ, ସେହି ଦେଶଲାଗି ଆମକୁ ଯେ ଅନେକ ତ୍ୟାଗ କରିବାକୁ ହେବ, ସେମାନେ ଆମକୁ ସେହି କଥା ସ୍ମରଣ କରାଇ ଦେଇଥାନ୍ତି । ପ୍ରତ୍ୟେକ ମୁହୂର୍ତ୍ତରେ ନଦୀମାନେ ଯେଉଁ ଶୁଦ୍ଧୀକରଣର ପ୍ରକ୍ରିୟା ମଧ ଦେଇ ଗତି କରୁଛନ୍ତି, ଆମକୁ ମଧ ଅନବରତ ସେହି ପ୍ରକ୍ରିୟାଟିର ମଧଦେଇ ଗତି କରିବାକୁ ହେବ ବୋଲି ସେମାନେ ଆମକୁ ସ୍ମରଣ କରାଇଦିଅନ୍ତି ।... ଆଧୁନିକ ଜୀବନର ଚାପରେ ପଡ଼ି ଆମର ନର୍ଦ୍ଦମାଗୁଡ଼ିକୁ ତା' ଭିତରେ ନେଇ ଖାଲି କରିଦେବାରେ ଏବଂ ଆମର ମାଲବୋଝାଇ ଡଙ୍ଗାଗୁଡ଼ିକର ସରବରାହରେ ଆମେ ଏବେ ମୁଖ୍ୟତଃ ନଦୀଗୁଡ଼ିକୁ କାମରେ ଲଗାଉଛୁ ଏବଂ ସେହି ପ୍ରକ୍ରିୟାରେ ସେମାନଙ୍କୁ ଅଧିକ ମଇଳା କରି ପକାଉଛୁ । ସେହି ନଦୀଗୁଡ଼ିକ ଆଡ଼େ ଟିକିଏ ବୁଲି ଯିବାଲାଗି ଆମ ପାଖରେ ଆଉ ସମୟ ନାହିଁ, ସେଗୁଡ଼ିକର ମର୍ମର ଧ୍ୱନିର ବାର୍ତ୍ତା ନୀରବ ଧ୍ୟାନମଗ୍ନତା ସହିତ ଶୁଣିବା ଲାଗି ମଧ ଆମର ଆଉ କୌଣସି ସମୟ ନାହିଁ ।

ଗୋପନଭାବରେ ହିଁ ଯାବତୀୟ ପାପ କରା ଯାଇଥାଏ । ଈଶ୍ୱର ଆମ ଭାବନାଗୁଡ଼ିକୁ ମଧ ଆଖିରେ ଦେଖି ପାରୁଛନ୍ତି, ସେହି କଥାଟିକୁ ଉପଲବ୍ଧି କରିବା ମାତ୍ରକେ ହିଁ ଆମେ ମୁକ୍ତି ଲାଭ କରିଥାଉ । ବିଶେଷତଃ ରାଜନୀତିର କ୍ଷେତ୍ରରେ ଗୋପନୀୟତାକୁ ମୁଁ ଗୋଟିଏ ପାପ ବୋଲି ବିଚାର କରିଥାଏ । ଆମେ ଯାହାକିଛି କରୁଛୁ ଓ କହୁଛୁ, ଈଶ୍ୱର ସ୍ୱୟଂ ଉପସ୍ଥିତ ରହି ତାହା ଦେଖୁଛନ୍ତି ବୋଲି ଯଦି ଆମେ ହୃଦୟଙ୍ଗମ କରନ୍ତେ, ତେବେ ପୃଥିବୀରେ କାହାରିଠାରୁ କିଛି ଲୁଚାଇ ରଖିବା ଲାଗି ଆମର ଆଉ କୌଣସି ଆବଶ୍ୟକତା ରହନ୍ତା ନାହିଁ । କାରଣ, ଆମେ ଆଉ ଆମର ପରମ ସୃଷ୍ଟିକର୍ତ୍ତାଙ୍କ ଆଗରେ କଦାପି ଅସ୍ୱଚ୍ଛ ଭାବନାକୁ ମନରେ ଆଣନ୍ତେ ନାହିଁ, କହିବାର ଅବସର ତ ଆହୁରି କମ୍ ରହିଥାନ୍ତା । କେବଳ ଅପରିଚ୍ଛନ୍ନତା ହିଁ ଗୋପନୀୟତା ଓ ଅନ୍ଧକାରକୁ ଖୋଜି ବୁଲୁଥାଏ । ମଇଳାକୁ ଲୁଚାଇ ରଖିବା ସକାଶେ ମନୁଷ୍ୟପ୍ରକୃତିର ଗୋଟିଏ ପ୍ରବୃତ୍ତି ରହିଛି ; ଆମେ ମଇଳା ବସ୍ତୁଗୁଡ଼ିକୁ ଦେଖିବାକୁ କିମ୍ବା ସ୍ପର୍ଶ କରିବାକୁ ଆଦୌ ଇଚ୍ଛା କରୁନାହୁଁ, ସେଗୁଡ଼ିକୁ ଆମେ ଆଖିର ଅନ୍ତରାଳରେ ରଖିବାକୁ ଇଚ୍ଛା କରୁଥାଉ ଏବଂ ଆମର କଥା କହିବା କ୍ଷେତ୍ରରେ ମଧ ଠିକ୍ ସେହି କଥା ଅବଶ୍ୟ ହେଉଥିବ । ମୁଁ ତ ପ୍ରସ୍ତାବ ଦେବି ଯେ, ଯେଉଁ ଭାବନାଗୁଡ଼ିକୁ ଆମେ ପୃଥିବୀଠାରୁ ଲୁଚାଇ ରଖିବାକୁ ଇଚ୍ଛା କରୁଥିବା, ସେଗୁଡ଼ିକୁ ଆମେ ଆଦୌ ନଭାବିବାକୁ ହିଁ ଚେଷ୍ଟା କରିବା ।

ମୁଁ ଅବିମିଶ୍ରିତ ଅହିଂସା ଏବଂ ନିଷ୍କପଟ ସାଧନର ପ୍ରତିନିଧିତ୍ୱ କରୁଛି । ମୁଁ ଗୋପନୀୟତାକୁ ଘୃଣା ହିଁ କରିଥାଏ ।

ସମସ୍ତଙ୍କର ଦୃଷ୍ଟି ସମକ୍ଷରେ ସମ୍ପୂର୍ଣ୍ଣ ମୁକ୍ତଭାବରେ କାର୍ଯ୍ୟ ନକଲେ କୌଣସି ସଂଗଠନ କଦାପି ଜୀବନ ଅଥବା ଧନର ରକ୍ଷା କରି ପାରିବ ନାହିଁ ।

# ଆମ ସୁଖ-ଦୁଃଖ ପଛରେ କର୍ମର ପ୍ରଭାବ

ଗୀତାର ଦ୍ୱିତୀୟ ଅଧ୍ୟାୟ ୪୮ତମ ଶ୍ଳୋକରେ ଆସକ୍ତି ତ୍ୟାଗକରି ସିଦ୍ଧି-ଅସିଦ୍ଧି (ସଫଳ-ଅସଫଳ) ଉଭୟ ସ୍ଥିତିରେ ସମବୁଦ୍ଧି ରହିବାର ଶିକ୍ଷା ଦେବାପୂର୍ବକ ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, ଏହି ସମତ୍ୱ ହିଁ ଯୋଗ– 'ସମତ୍ୱ ଯୋଗ ଉଚ୍ୟତେ' ।

ଏହାର ପରବର୍ତ୍ତୀ ଶ୍ଳୋକ ୨/୪୯ରେ ସେହି ସମତ୍ୱାବସ୍ଥାକୁ ବୁଦ୍ଧି ଯୋଗରୂପେ ନିରୂପିତକରି ଉକ୍ତ ସମତ୍ୱବୁଦ୍ଧିର ଆଶ୍ରୟ ନେବା ତଥା ସକାମ କର୍ମକୁ ନିକୃଷ୍ଟ ଜାଣି ତା'ର ଓ ଅନ୍ୟ ଗର୍ହିତ କର୍ମଠାରୁ ଦୂରେଇ ରହିବାର ଶିକ୍ଷା ଦେଇଛନ୍ତି ।



ସାଧାରଣତଃ ମଣିଷ ଫଳପ୍ରାପ୍ତିର ଆଶାରେ କର୍ମ କରିଥାଏ । ଏହା ସ୍ୱାଭାବିକ ମଧ । ଯାହାର କିଛି ପାଇବାର ଆଶା-ଆକାଂକ୍ଷା ନାହିଁ, ସେ କାହିଁକି କର୍ମ କରିବ ? ଦ୍ୱିତୀୟରେ, କର୍ମ ବିନା ମଣିଷର ବଞ୍ଚିବା କଠିନ । ତେଣୁ ସେ କିଛି ନା କିଛି କର୍ମ ଅବଶ୍ୟ କରିଥାଏ । କିନ୍ତୁ ଏଠାରେ ଧ୍ୟାନ ରଖିବା ଦରକାର ଯେ, ଅଶୁଭ କର୍ମର ଫଳ ଅଶୁଭ ଓ ଶୁଭକର୍ମର ଫଳ ଶୁଭ ହୋଇଥାଏ । ଏଣୁ ସର୍ବଦା ଶୁଭକର୍ମ କରିବାର ଚେଷ୍ଟା କରିବା ହିଁ ବୁଦ୍ଧିମତ୍ତା ଓ ବାଞ୍ଛନୀୟ ।

ଶୁଭକର୍ମ କ'ଣ ? ଜୀବନରେ ଉତ୍ତମ ଫଳ ପାଇବାକୁ ହେଲେ ଉତ୍ତମ କର୍ମ କରିବାକୁ ହେବ । କୃଷକର ଉତ୍ତମରୂପେ ଚାଷ କରିବାପରି ଯୋଗ-ବ୍ୟାୟାମଦ୍ୱାରା ଶରୀର ଓ ମନକୁ ସୁସ୍ଥ, ସବଳ ଓ ପରିଷ୍କୃତ ରଖିବାକୁ ହେବ । ଭକ୍ତିଭାବନା ଦ୍ୱାରା ମନକୁ ନିର୍ମଳ ବନାଇବାକୁ ହେବ । ଧ୍ୟାନ ସାଧନା ଦ୍ୱାରା ଆତ୍ମା ଉପରେ ଚଢ଼ିଥିବା ମଳାବରଣକୁ ହଟାଇ ତା'ର ପ୍ରଖର ନିର୍ମଳ ସ୍ୱରୂପକୁ ଉଦ୍‌ଘାଟିତ କରିବାକୁ ହେବ । ଯେଉଁ ଯେଉଁ କର୍ମ ମନ-ଆତ୍ମାପାଇଁ ଅନୁକୂଳ, ସେସବୁକୁ ଶ୍ରଦ୍ଧା ଓ ତନ୍ମୟତାସହ କରିବାକୁ ହେବ । ଜୀବନର ଉତ୍ଥାନପାଇଁ ଏହା ହିଁ ଉତ୍ତମ ଚାଷ । ଏହାକୁ ଶୁଭକର୍ମ ବା ଉତ୍ତମ କର୍ମ ଯାହା ଚାହିଁଲେ କହିପାରନ୍ତି ।

ଅଧ୍ୟାତ୍ମ କ୍ଷେତ୍ରରେ ଚିତ୍ତରୂପୀ ଭୂମିରେ କର୍ମବୀଜ ସଞ୍ଚୟ ହୋଇଥାଏ । କର୍ମ ବାହାରେ ହୁଏ, କିନ୍ତୁ ଜମାହୁଏ ଚିତ୍ତରେ, ଏଣୁ ଚିତ୍ତରୂପୀ ଭୂମି ସବଳ, ଉର୍ବର ଓ ପରିଷ୍କୃତ ହେବା ଦରକାର । ଏହା ପାପଭୂମି ନହୋଇ ପୁଣ୍ୟଭୂମି ହେବା ଦରକାର । ଏଥିପାଇଁ ବାର ବାର ସ୍ୱାଧ୍ୟାୟ-ସତ୍ସଙ୍ଗ, ମନନ- ଚିନ୍ତନ କରୁଥିବା ଦରକାର । ନିଜର ପୁଣ୍ୟ କେବେ ଦୁର୍ବଳ ନହେଉ, ଏହା ଜରୁରୀ । ଏଥିପାଇଁ ସବୁବେଳେ କିଛି ନା କିଛି ପୁଣ୍ୟକର୍ମ କରୁଥିବା ଦରକାର ।

ବିଡ଼ମ୍ବନା ଯେ, ଖରାପ କାମ କଲାବେଳେ ଆମର ପ୍ରାଣଉର୍ଜା ପୂରା ବେଗରେ ଲାଗିଥାଏ, ଯଦିଓ ଭଲ କାମ କଲାବେଳେ ସେହିପରି ତତ୍ପରତା –ତନ୍ମୟତା ଦେଖାଯାଏ ନାହିଁ । ଭଲ କାମରେ ଯଦି ପୂରା ଶ୍ରଦ୍ଧା, ପୂରା ଶକ୍ତି ଲାଗିପାରନ୍ତା, ତେବେ ତା'ର ଫଳ ମଧ ସେତିକି ଶୀଘ୍ର ପ୍ରାପ୍ତ ହୁଅନ୍ତା । କିନ୍ତୁ ଏ ଦିଗରେ ଆମେ କେବେ ଧ୍ୟାନ ଦେଇ ନଥାଉ ।

ଅନ୍ତର୍ଜଗତର ଫସଲ ଦିଗରେ ସଦା ସଚେତନ ରହିବାକୁ ହେବ । ଏକ କୁଶଳ କୃଷକପରି ଆନ୍ତରିକ କୃଷି କରିବା ଦରକାର । ଏକଥାପ୍ରତି ସର୍ବଦା ଧ୍ୟାନ ରଖିବା ଦରକାର ଯେ, ଆମର ସୁଖ-ଦୁଃଖ ପଛରେ ଆମ କର୍ମର ହିଁ ପ୍ରଭାବ ରହିଥାଏ । ଆମେ ଯେଉଁପରି କର୍ମ କରୁ, ସେହିପରି ଫଳ ପ୍ରାପ୍ତ ହୁଏ । କର୍ମଫଳର ଏହା ହିଁ ସିଦ୍ଧାନ୍ତ ।

ଗୀତାର ଉକ୍ତ ଶ୍ଳୋକରେ ନିନ୍ଦନୀୟ ଓ ସକାମ କର୍ମରୁ ଦୂରେଇ ରହି ଆତ୍ମାକୁ ପୋଷଣ ପ୍ରଦାନ କରୁଥିବା ସତ୍କର୍ମ ସମତ୍ୱ ଭାବ ସହିତ କରିବାକୁ କୁହାଯାଇଛି । ଆମ ବୁଦ୍ଧି ସୁଖ-ଦୁଃଖରେ ସମଭାବାପନ୍ନ ହେଲେ ହିଁ ଆମେ ବନ୍ଧନ ମୁକ୍ତ ହେବା ।

# ସ୍ୱର୍ବେଦ

**ପ୍ରେମ ଭକ୍ତି ସଦ୍‌ଗୁରୁ କରୋ,**
**ସଦ୍‌ଗୁରୁ ଆଲଖ ଲଖାୟ ।**
**ପ୍ରଥମ ମିଲନ ଗୁରୁ ଫିର ପ୍ରଭୁ,**
**ଜନମ ମରଣ ଦୁଖ ଜାୟ ॥୧୪॥**

ଭାଷ୍ୟ - ଯେଉଁ ବସ୍ତୁଗୁଡ଼ିକୁ ଚର୍ମ ଚକ୍ଷୁରେ ଦେଖିହୁଏ ନାହିଁ ସେସବୁ ବସ୍ତୁକୁ ସଦ୍‌ଗୁରୁ ନିଜ ଦିବ୍ୟଶକ୍ତି ବଳରେ ଦେଖାଇଥାନ୍ତି । ଚର୍ମ ଚକ୍ଷୁରେ ଦେଖି ହେଉ ନ ଥିବା ଅଦୃଶ୍ୟଙ୍କୁ ଦେଖେଇ ପାରୁଥିବା ସେହି ସଦ୍‌ଗୁରୁଙ୍କର ଚରଣରେ ଭକ୍ତି କରନ୍ତୁ । ପ୍ରଥମେ ସଦ୍‌ଗୁରୁ ପ୍ରାପ୍ତହେବା ପରେ ପ୍ରଭୁଙ୍କୁ ଲାଭ କରିହୁଏ, ଯାହାଙ୍କୁ ପାଇବା ପରେ ଜନ୍ମମରଣ ଦୁଃଖରୁ ମୁକ୍ତି ମିଳେ ।

**ସଦ୍‌ଗୁରୁ ଋଣୀ ଜଗତ ହୈ, ଉଋଣ**
**କଭୀ ନହିଁ ହୋୟ ।**
**ତୀନ ଲୋକ କୀ ସମ୍ପଦା, ଏକ**
**ୱଚନ ନହିଁ ହୋୟ ॥୧୫॥**


ଭାଷ୍ୟ - ସଂସାର ସଦ୍‌ଗୁରୁଙ୍କର ଋଣୀ ଅଟେ । ତାହା କଦାପି ଋଣମୁକ୍ତ ହୋଇ ପାରିବ ନାହିଁ । ତିନିଲୋକର ସମ୍ପଦ ମଧ୍ୟ ସଦ୍‌ଗୁରୁଙ୍କର ଗୋଟିଏ ବଚନ ସହ ତୁଳନୀୟ ନୁହେଁ ।

**ଗୁରୁ ଆଜ୍ଞା ପାଲନ କରେଁ, ଅଜ୍ଞା**
**ସେୱା ଜାନ ।**
**ମନ ୱଚ କାୟା କର୍ମଣା,**
**ସଦ୍‌ଗୁରୁ ଭକ୍ତ ଅମାନ ॥୧୯॥**

ଭାଷ୍ୟ - କଦାପି ମାନ କରୁ ନ ଥିବା ସଦ୍‌ଗୁରୁ-ଭକ୍ତ ମନ, ବଚନ, କାୟା ଦ୍ୱାରା ଗୁରୁଙ୍କର ଆଜ୍ଞାକୁ ପାଳନ କରିଥାନ୍ତି । ସଦ୍‌ଗୁରୁଙ୍କର ଆଜ୍ଞା ପାଳନ କରିବା ହିଁ ପ୍ରକୃତ ସେବା ଅଟେ ।

**ଅଜ ଅନାଦି ଗୁରୁ ସନ୍ତ ହୈଁ, ସନ୍ତ**
**ଜ୍ଞାନ ମତ ସନ୍ତ ।**
**ସତ୍ୟ ସନାତନ ସନ୍ତ ମତ,**
**ମିଲୈ ଭକ୍ତି ଭଗୱନ୍ତ ॥୧୭॥**

ଭାଷ୍ୟ - ନିତ୍ୟ ଅନାଦି ଗୁରୁଙ୍କର ନାମ ସନ୍ଥ ଅଟେ । ସନ୍ଥର ଜ୍ଞାନ ଅର୍ଥାତ୍ ମତ ସନ୍ଥମତ ଅଟେ । ସେହି ସନ୍ଥମତ ସତ୍ୟ ଓ ଅନାଦି ଅଟେ । ସେହି ସନ୍ଥଙ୍କର ଜ୍ଞାନମାର୍ଗ ଦ୍ୱାରା ଭକ୍ତି କଲେ ପ୍ରଭୁପ୍ରାପ୍ତି




ହୋଇଥାଏ ।

**ଜ୍ଞାନ ସେ ସୁମିରନ ଭଜନ ହୈ,**
**ମନ ଅରୁ ପ୍ରାଣ ନ ହୋୟ ।**
**ୟାତେ କର୍ମ ନ ସନ୍ତ ମତ, ସନ୍ତ**
**ଅମତ ମତ ସୋୟ ॥୧୮॥**

ଭାଷ୍ୟ - ଅନୁଭବ ଚେତନମାର୍ଗ ଦ୍ୱାରା ହିଁ ପ୍ରଭୁଙ୍କର ସ୍ମରଣ, ମନନ ଏବଂ ଭଜନ ହୋଇଥାଏ, ଯେଉଁଠାରେ ପ୍ରାଣ ଆଉ ମନ ଭିନ୍ନହୋଇ ରହେ ନାହିଁ । ସୁତରାଂ ମନ ଆଉ ପ୍ରାଣ ଶୂନ୍ୟ ହେବା କାରଣରୁ ସନ୍ଥମତ କର୍ମ-ପ୍ରକୃତିରେ ନ ଥାଏ । ଏହାହିଁ ସନ୍ଥର ମତ ତଥା ଅମତ ଅଟେ । ପ୍ରକୃତି ଆଧାର ପରିତ୍ୟାଗ କରି ଚିନ୍ମୟ ସ୍ୱରୂପରେ ପରଂବ୍ରହ୍ମ ପ୍ରାପ୍ତିର ସାଧନା ହୋଇଥାଏ । ସେଥିପାଇଁ ସନ୍ଥମତ ପ୍ରାକୃତିକ କର୍ମ ଆଉ ଧର୍ମରୁ ପୃଥକ୍ ଅଟେ । ଏହାର ସାଧନା ଚେତନ-ଭେଦ-ଅନୁଭବ ଦ୍ୱାରା ହୋଇଥାଏ ।

**ନହୀଁ ପିଣ୍ଡ ବ୍ରହ୍ମାଣ୍ଡ ହୈ, ନହୀଁ**
**ଅନହଦ ହଦ ଜାନ ।**
**ମୁଦ୍ରା କୁମ୍ଭକ ହୈ ନହୀଁ, ଡୋରି**
**ୱିହଙ୍ଗମ ଜ୍ଞାନ ॥୧୯॥**

ଭାଷ୍ୟ - ପିଣ୍ଡ, ବ୍ରହ୍ମାଣ୍ଡ ତଥା ହଦ, ଅନହଦର ସାଧନା ତଥା ମୁଦ୍ରା, ପ୍ରାଣାୟାମ ଦ୍ୱାରା ବିହଙ୍ଗମ ଯୋଗର ସାଧନା ହୋଇ ନ ଥାଏ । ସମସ୍ତ ଦେହ ସଂଘାତରୁ ପୃଥକ୍ ପ୍ରକୃତି-ପାର ଚେତନ ପ୍ରଦେଶରେ ଅନୁଭବ ଦ୍ୱାରା ଯେଉଁ ସାଧନା ହୋଇଥାଏ, ସେହି ପରମ ଅନୁଭବର ଜ୍ଞାନକୁ ବିହଙ୍ଗମ ଯୋଗ କହନ୍ତି । ଚେତନ ସହ ଚେତନର ସମ୍ବନ୍ଧ କରୁଥିବା ସାଧନ ଭେଦକୁ ବିହଙ୍ଗମ ମାର୍ଗ କହିଥାନ୍ତି ।

**କୋଟି ୟୋଗ ଜପ ତପ କରେଁ,**
**କୋଟି ୟଜ୍ଞ ବ୍ରତ ଦାନ ।**
**କ୍ଷଣ ଅନୁଭୱ ନିଃଶବ୍ଦ କା,**
**ତେହି ସମ କର୍ମ ନ ଆନ ॥୨୦॥**

ଭାଷ୍ୟ - କୋଟି କୋଟି ବର୍ଷରେ ଜପ, ତପ, ଯୋଗ, ଯଜ୍ଞ, ବ୍ରତ ଏବଂ ଦାନ କରନ୍ତୁ କିନ୍ତୁ କ୍ଷଣମାତ୍ର ନିମନ୍ତେ ନିଜ ଚେତନ ପ୍ରଦେଶରେ ନିଃଶବ୍ଦର ଅନୁଭବ କରନ୍ତୁ । ଏହା ସମାନ ଅନ୍ୟ କୌଣସି ପ୍ରାକୃତିକ ସାଧନା ହୋଇ ପାରିବ ନାହିଁ । ଏହା ବିହଙ୍ଗମ ଯୋଗ ସାଧନାର ମହିମା ଅଟେ, ଯାହାର ବର୍ଣ୍ଣନା ଗ୍ରନ୍ଥକାର କରିଛନ୍ତି ।

**ଚୀରକାଲ କୁମ୍ଭକ କରେ, ତବ**
**ସୁଷମନ ପରୱାହ ।**
**ଅଳ୍ପକାଲ ରତ ଭେଦ ମେଁ,**
**ସୁଷମନ ପର ଗମ ଆହ ॥୨୧॥**

ଭାଷ୍ୟ - ହଠଯୋଗରେ ଚିରକାଳ କୁମ୍ଭକ କଲେ ସୁଷମନର ସଂଚାର ହୋଇଥାଏ । କିନ୍ତୁ ବିହଙ୍ଗମ ଯୋଗ ସାଧନା ଦ୍ୱାରା ଅଳ୍ପ କାଳରେ ହିଁ ତାହାର ପ୍ରବାହ ହେବାରେ ଲାଗେ ।

**ଅନ୍ତରଙ୍ଗ ସାଧନ ଚଲେ, ନହିଁ**
**ସାଧନ ବହିରଙ୍ଗ ।**
**ସହଜ ୟୋଗ ହୈ ସନ୍ତ ମତ,**
**ଚଢ଼ତ ଶବ୍ଦ କର ରଙ୍ଗ ॥୨୨॥**

ଭାଷ୍ୟ - ବ୍ରହ୍ମବିଦ୍ୟା, ସହଜ ଯୋଗରେ ବାହ୍ୟ ପ୍ରାକୃତ ସାଧନ ଛାଡ଼ି ଚେତନ ମାର୍ଗରେ ଅନ୍ତରଙ୍ଗ ସାଧନା ଚାଲେ ଆଉ ଗୁରୁଗମ୍ୟ ଅନୁଭବ ପଥରେ ଉର୍ଦ୍ଧ୍ୱକୁ ଉଠିବା ଦ୍ୱାରା ଶବ୍ଦ ଆନନ୍ଦର ପ୍ରାପ୍ତି ହୋଇଥାଏ - ଏହା ସନ୍ଥମତ ଅଟେ ।

**ଚାରୌଁ ୟୁଗ ମେଁ ସନ୍ତ ହୈଁ,**
**ଚାରୌଁ ୟୁଗ ଭଗୱନ୍ତ ।**
**ସନ୍ତନ ସମୟ ସମାନ ହୈ,**
**ମହିମା ଭାୱ ଅନନ୍ତ ॥୨୩॥**

ଭାଷ୍ୟ - ଚାରି ଯୁଗରେ ନିତ୍ୟ ଅନାଦି ସଦ୍‌ଗୁରୁ ପ୍ରକଟ ହୋଇଥାନ୍ତି । ଭଗବତ୍ ପ୍ରାପ୍ତି ନିମନ୍ତେ ସନ୍ଥମାନଙ୍କ ପାଇଁ ଚାରି ଯୁଗ ଏକ ସମାନ ଅଟେ । ସେହି ମହାପ୍ରଭୁଙ୍କର ମହିମା ଅନନ୍ତ ଅଟେ । ସବୁ ଯୁଗରେ ସେହି ମହାପ୍ରଭୁଙ୍କର ଭକ୍ତ ସର୍ବଦା ବିଦ୍ୟମାନ ରହିଥାନ୍ତି ।

**ୟୋଗ ସିଦ୍ଧ କଲି ଅଳ୍ପ ମେଁ, ଜୋ**
**ପୂରା ଗୁରୁ ହୋୟ ।**
**ଅଧିକାରୀ ଗୁରୁ ଭକ୍ତ ହୈ, ୟହ**
**ପ୍ରତ୍ୟେକ୍ଷ ହୈ ସୋୟ ॥୨୪॥**

ଭାଷ୍ୟ - ସମ୍ପୂର୍ଣ୍ଣ ଗୁରୁ ଏବଂ ଅଧିକାରୀ ଗୁରୁ-ଭକ୍ତ ହେବା ଫଳରେ କଳିଯୁଗରେ ଯୋଗସିଦ୍ଧି ଅର୍ଥାତ୍ ପୂର୍ଣ୍ଣତା ଅଳ୍ପ କାଳ ମଧ୍ୟରେ ପ୍ରାପ୍ତ ହୋଇଥାଏ । ଏହା ପ୍ରତ୍ୟକ୍ଷ ଅନୁଭବ ଅଟେ । ଗ୍ରନ୍ଥକାର ନିଜ ଜୀବନର ଆଧ୍ୟାତ୍ମିକ ପୂର୍ଣ୍ଣତାର ସଂକେତ ଏହି ଦୋହାରେ ପ୍ରଦାନ କରିଛନ୍ତି ।

**ଅନଧିକାର କୋ ନହିଁ ମିଲେଁ,**
**ନାହିଁ ସଭା ଉପଦେଶ ।**
**ବ୍ରହ୍ମବିଦ୍ୟା ପର ତତ୍ତ୍ୱ ହୈ, ଅଜ**
**ଗୁରୁ ୟହ ଆଦେଶ ॥୨୫॥**

ଭାଷ୍ୟ - ବ୍ରହ୍ମବିଦ୍ୟା ସୂକ୍ଷ୍ମ ବସ୍ତୁ ଅଟେ । ଏହାର ଉପଦେଶ ଅନଧିକାରୀକୁ ଦେବା ନିଷିଦ୍ଧ ଅଟେ । ଏହା ସର୍ବସମ୍ମୁଖରେ ବକ୍ତବ୍ୟ କିମ୍ବା ଭାଷଣ ଦେବାର ବିଷୟ ମଧ୍ୟ ନୁହେଁ । ଏହି ଆଦେଶ ବାକ୍ୟ ନିତ୍ୟ ଅନାଦି ସଦ୍‌ଗୁରୁଦେବଙ୍କର ଅଟେ ।

**ବ୍ରହ୍ମବିଦ୍ୟା ପରକାଶ ମେଁ, ମୋହ**
**ତିମିର ତମ ଜାୟ ।**
**ଦେୱ ସଦାଫଲ ପ୍ରଭୁଦୟା,**
**ତବହିଁ ସନ୍ତ ମତ ପାୟ ॥୨୬॥**

ଭାଷ୍ୟ - ବ୍ରହ୍ମବିଦ୍ୟା ପ୍ରକାଶ ଉଦୟ ହେବା ପରେ ମୋହ ଅନ୍ଧକାର ଦୂର ହୋଇଯାଏ ଆଉ ଯେତେବେଳେ ପ୍ରଭୁଙ୍କର କୃପା ହୁଏ ସେତେବେଳେ ଅନାଦି ସଦ୍‌ଗୁରୁଙ୍କର ସନ୍ଥମତ ଆଉ ସେହି ଜ୍ଞାନର ଅଧିକାରୀ ସଦ୍‌ଗୁରୁଙ୍କର ପ୍ରାପ୍ତି ହୋଇଥାଏ ।

॥ ଇତି ସ୍ୱର୍ବେଦ ଦ୍ୱିତୀୟ ମଣ୍ଡଳ, ନବମ ଅଧ୍ୟାୟ ଭାଷ୍ୟ ସମାପ୍ତ ॥

# ଜୁସ୍ ଦୂର କରେ ରୋଗ

**ମ**ଣିଷ ଅସୁସ୍ଥ ହୋଇ ବିଭିନ୍ନ ରୋଗରେ ପୀଡିତ ହେଲେ ରୋଗର ଚିକିତ୍ସା ପାଇଁ ଆବଶ୍ୟକ ହୁଏ ଔଷଧ । ଫଳରସ ବା ଜୁସ୍ ରୋଗ ଉପଶମରେ ସହାୟକ ହୋଇଥାଏ ।

ଭୋକ ନ ହେଲେ : ସମୟ ମୁତାବକ ଖାଦ୍ୟ ଗ୍ରହଣ ନ କଲେ ଶରୀର ଦୁର୍ବଳ ହୋଇ ବିଭିନ୍ନ ରୋଗର ଶିକାର ହୁଏ । କିନ୍ତୁ ଯଦି ଖାଦ୍ୟ ଖାଇବାକୁ ଇଚ୍ଛା ହେଉ ନ ଥାଏ, ତେବେ ଶରୀର ସୁସ୍ଥ ନାହିଁ ବୋଲି ବୁଝିବାକୁ ହେବ । ତେବେ ଏଥିପାଇଁ ଔଷଧ ବଦଳରେ ଘରୋଇ ଉପଚାର ମଧ କରାଯାଇପାରେ । ଅମ୍ଳ ବା ବଦହଜମି ଦୃଷ୍ଟିରୁ ଏପରି ହୋଇପାରିଥାଏ । ତେଣୁ ଏ ପରିସ୍ଥିତିରେ ସକାଳୁ ଲେମ୍ବୁ ପାଣି ପିଇବା ଉଚିତ୍ । ଖାଇବା ପୂର୍ବରୁ ଅଦା ପେଷ୍ଟ ସହ ଲୁଣ ମିଶାଇ ଖାଇଲେ ମଧ ଉପକାର ମିଳିଥାଏ ।

ରକ୍ତ ଅପରିଷ୍କାର ହେଲେ : ଶରୀରରେ ଥିବା ରକ୍ତ ଯଦି କୌଣସି କାରଣରୁ ଦୂଷିତ ହୁଏ ତା'ର ବିଶୁଦ୍ଧି ଏକାନ୍ତ ଆବଶ୍ୟକ । ଲେମ୍ବୁ, ଗାଜର, କୋବି, ବିଟ୍, ପାଳଙ୍ଗ, ସେଓ, ତୁଳସୀ, ନିମ୍ବ ଏବଂ ବେଲ ପତ୍ରରେ ଜୁସ୍ ପ୍ରସ୍ତୁତ କରି ପିଇଲେ ରକ୍ତ ପରିଷ୍କାର ହେବାରେ ସହାୟକ ହୋଇଥାଏ ।

ଆଜମ୍ା ହୋଇଥିଲେ : ଶ୍ୱାସ ବା ଆଜ୍‌ମା ଏକ କଷ୍ଟଦାୟକ ରୋଗ । ଏଥିପାଇଁ ନିୟମିତ ଚିକିତ୍ସାର ଆବଶ୍ୟକତା ରହିଛି । ତେବେ ରସୁଣ, ଅଦା, ତୁଳସୀ, ବିଟ୍, କୋବି, ଗାଜର, ଜୁସ୍ ସହ ପାଳଙ୍ଗର ସୁପ୍ କିମ୍ବା ଛେଳି କ୍ଷୀର ପିଇବାକୁ ଦେଲେ ରୋଗ ହ୍ରାସ ପାଇଥାଏ ।

ଉଚ୍ଚ ରକ୍ତଚାପ : ହାଇ ବ୍ଲଡ ପ୍ରେସର ବା ଉଚ୍ଚ ରକ୍ତଚାପ ମଣିଷକୁ ସ୍ୱାଭାବିକ ଜୀବନ ଧାରାଠାରୁ ଦୂରେଇ ଦିଏ । ସବୁବେଳେ ଜଗି ରଖି ଚଳିବାକୁ ହୁଏ । ଔଷଧର ସାହାଯ୍ୟ ନେବାକୁ ହୁଏ । ତେବେ ଗାଜର ବା ଅଙ୍ଗୁର ଜୁସ୍ ପିଇଲେ ଏହା ନିୟନ୍ତ୍ରଣରେ ରହିଥାଏ ।

ନିମ୍ନ ରକ୍ତଚାପ : ଉଚ୍ଚ ରକ୍ତଚାପ ଭଳି ନିମ୍ନ ରକ୍ତଚାପ ବା ମଣିଷକୁ ସାଧାରଣ ଜୀବନ ବିତାଇବା କ୍ଷେତ୍ରରେ ବାଧକ ହୁଏ । ତେଣୁ ଏହାର ଉପଚାର ନିହାତି ହେବା ଉଚିତ । ଏପରି ରୋଗୀ ଚିନି ପାଣି କିମ୍ବା ମିଠା ଫଳ ରସ ନିୟମିତ ପିଇବା ଉଚିତ୍ । ବିଶେଷ କରି ଅଙ୍ଗୁର ଏବଂ ମୌସୁମୀ ରସ ଲାଭଦାୟକ ସାବ୍ୟସ୍ତ ହୋଇଥାଏ ।

ଜଣ୍ଡିସ୍ : କାମଳ ବା ଜଣ୍ଡିସ ରୋଗ ହେଲେ ଶରୀରର ବିଭିନ୍ନ ଅଙ୍ଗକୁ ଏହା ପ୍ରଭାବିତ କରେ । ପରିସ୍ରା ହଳଦିଆ ଦିଶେ । ଲିଭର ବା ଯକୃତର କାର୍ଯ୍ୟ କ୍ଷମତା କମିଯାଏ । ଏହି ରୋଗର ଡାକ୍ତରୀ ଓ ଆୟୁର୍ବେଦ ଚିକିତ୍ସା ରହିଛି । ତେବେ ଅଙ୍ଗୁର, ସେଓ ଓ ମୌସମ୍ବୀ ଜୁସ୍ ପିଇଲେ ରୋଗୀକୁ ଫାଇଦା ମିଳିଥାଏ ।

# ଖରାଦିନେ ଆଲୋଭେରା

ଆଲୋଭେରାରେ ଭରି ରହିଛି ଅନେକ ଔଷଧୀୟ ଗୁଣ ; ଯାହାକୁ ବ୍ୟବହାର କରି ଖରାଦିନେ ଅନେକ ସମସ୍ୟାରୁ ମୁକ୍ତି ପାଇହେବ । ଯେମିତିକି : ଖରାଦିନେ ସୂର୍ଯ୍ୟଙ୍କ ପ୍ରଖର କିରଣ ଯୋଗୁ ଝାଳ ବୋହି ତ୍ୱଚା ଝାଉଁଳିଗଲା ପରି ଲାଗିଥାଏ । ସେଥିପାଇଁ ଖରାରେ ବାହାରକୁ ବାହାରିବା ପୂର୍ବରୁ ତ୍ୱଚାରେ ଆଲୋଭେରା ଜେଲ୍ ଲଗାଇ ପାରିବେ । କାରଣ ଆଲୋଭେରା ଜେଲ୍ ତ୍ୱଚାକୁ ହାଇଡ୍ରେଟ୍ ରଖିବାରେ ସାହାଯ୍ୟ କରିଥାଏ । ଝାଳ ଯୋଗୁ ଅନେକଙ୍କର ଖରାଦିନେ ତ୍ୱଚା କୁଣ୍ଡାଇ ମଧ ହୋଇଥାଏ । ଏଥିପାଇଁ ବି ତ୍ୱଚାରେ ଆଲୋଭେରା ଜେଲ୍ ଲଗାଇବା ସର୍ବୋତ୍ତମ ହୋଇଥାଏ । ଆପଣ ଚାହିଁଲେ ଆଲୋଭେରା ଜେଲ୍ ପରିବର୍ତ୍ତେ ସିଧାସଳଖ ଆଲୋଭେରା ଡାଳ ଖଣ୍ଡେ ଆଣି ସେଥିରୁ



ରସ ବାହାର କରି ତ୍ୱଚାରେ ମଧ ଲଗାଇପାରିବେ । ଏହା ନାଚୁରାଲ୍ ମଇଶ୍ଚରାଇଜର୍ ର କାମ ଦେଇଥାଏ । ଆଲୋଭେରାକୁ କେବଳ ତ୍ୱଚାରେ ଲଗାଇବେ ତାହା ନୁହେଁ, ଏହାର ଜୁସ୍‌କୁ ବି ସେବନ କରି ଖରାଦିନେ ପେଟକୁ ଥଣ୍ଡା ରଖିବା ସହିତ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିପାରିବେ । କାରଣ ଏଥିରେ ଭରି ରହିଛି ଭିଟାମିନ୍ ଏ, ସି, ଇ, ଭିଟାମିନ୍–ବି ୧୨, ଫଲିକ୍ ଏସିଡ୍, କୋଲାଇନ୍ ପରି ଅନେକ ଗୁଣକାରୀ ତତ୍ତ୍ୱ ।

## ଟିକିଏ ହସନ୍ତୁ

ଡେଣ୍ଟିଷ୍ଟ ସାଙ୍ଗକୁ ମଣ୍ଟୁ : ତୁ ବିନା କଷ୍ଟରେ ଦାନ୍ତ ବାହାର କରିପାରିବୁ ?
ଡେଣ୍ଟିଷ୍ଟ : ନା ।
ମଣ୍ଟୁ : ହେଲେ ମୁଁ କରିପାରିବି ।
ଡେଣ୍ଟିଷ୍ଟ : କେମିତି ?
ମଣ୍ଟୁ : ହେଇ ଦେଖ୍ ।
ହି..ହି..ହି..ହି.. ।

× × × × ×

ସ୍ତ୍ରୀ ସ୍ୱାମୀଙ୍କୁ : ହେଇଟି କହିଲ ଦେଖି ସୌଭାଗ୍ୟବନ୍ତକୁ ଇଂରାଜୀରେ କ'ଣ କହନ୍ତି ।
ସ୍ୱାମୀ : ଅନ୍‌ମ୍ୟାରେଡ ।
ସ୍ତ୍ରୀ : କ'ଣ କହିଲ ?

× × × × × ×

ଶାଶୁ ବାହାରକୁ ଯାଉଥିବା ମଡର୍ନ ବୋହୂକୁ : ତତେ କେତେଥର କହିଲିଣି ବିନ୍ଦି ଲଗେଇବା ପାଇଁ ହେଲେ ତୁ ମୋ କଥା ଜମା ଶୁଣୁନୁ ।
ବୋହୂ : ମା' ଜିନ୍ସରେ କିଏ ବିନ୍ଦି ଲଗାଏ ?
ଶାଶୁ : ମୁଁ କେତେବେଳେ କହିଲି ଜିନ୍ସରେ ବିନ୍ଦି ଲଗେଇବାକୁ ? ମୁଁ ତ କହୁଛି ମଥାରେ ଲଗେଇବାକୁ ।



× × × × ×

ପୁଅ ବୁଲିବାକୁ ବାହାରିଥାଏ । ଏହା ଦେଖି ବାପା ରାଗିକି : ଆଜିକାଲି ବହୁତ ବୁଲାବୁଲି କରୁଛୁ, ନାଇଁ । ନୂଆ ଜ୍ୟାକେଟ୍ ବି ପିନ୍ଧା ହେଇଛି ।
ପୁଅ : ନାଇଁ ବାପା ମୁଁ କିଛି ଖରାପ କାମ କରୁନି ।
ବାପା : ରହ, ମୁଁ ଆଗ ତୋ ଜ୍ୟାକେଟ୍ ଚେକ୍ କରେ ତା'ପରେ ସବୁ ଜଣାପଡ଼ିଯିବ । ଚେକ୍ କରିବା ପରେ ବାପା ପାଇଲେ ଏକ ସିଗାରେଟ୍ ପ୍ୟାକେଟ୍, ମୁଭି ଟିକେଟ୍, କାଗଜରେ ଲେଖା ଜଣେ ଝିଅର ନମ୍ବର ।
ଏହାପରେ ବାପା : ଏସବୁ କ'ଣ ?
ପୁଅ : ଏସବୁ ମୋର ନୁହଁ ।
ବାପା : ଆଉ କାହାର ?
ପୁଅ : ଭଲକି ଦେଖ ଜ୍ୟାକେଟ୍‌ଟି ତମର ।

× × × × ×

ବସ୍‌ରେ ଜଣେ ବ୍ୟକ୍ତିଙ୍କ ଫୋନ୍ ରିଂ ହେଲା ।
ସେ ଫୋନ୍ ରିସିଭ କରି କହିଲେ : ତୁ ହାତ କାଟିକି ରଖିଥା । ମୁଁ ଗଲେ ତା'ର ବେକ କାଟିବି । ଏହା ଶୁଣି ପୁରା ବସ୍ ଖାଲି ହେଇଗଲା । କେହି ଜଣେ ପୋଲିସ୍‌କୁ ଡାକିଲେ ।
ପୋଲିସ : ତମେ ଜଣେ ଆତଙ୍କବାଦୀ ?
ବ୍ୟକ୍ତି : ନାଇଁ, ଆଜ୍ଞା ।
ପୋଲିସ୍ : ତା'ହେଲ ତମେ କାହାର ବେକ କାଟିବ କହୁଥିଲ ?
ବ୍ୟକ୍ତି : ଆଜ୍ଞା ମୁଁ ଜଣେ ଟେଲର୍ । ବ୍ଲାଉଜ୍‌ର ବେକ କାଟିବା କଥା କହୁଥିଲି ।

× × × × ×

ମଦ ପିଇ ସ୍ୱାମୀ ଘରକୁ ଫେରିବା ଦେଖି ସ୍ତ୍ରୀ ଝାଡୁ ଧରି କବାଟ ଖୋଲିଲେ ।
ସ୍ତ୍ରୀ ହାତରେ ଝାଡୁ ଦେଖି ମଦୁଆ ସ୍ୱାମୀ : କେତେ ଆଉ କାମ କରିବ । ରାତି ଦୁଇଟା ବାଜିଲାଣି । ସେ ଝାଡୁ ମତେ ଦେଇଦିଅ ।
ଚାଲ ଶୋଇବ । କିଛି ତ ନିଜର ଯତ୍ନ ନିଅ ।
ଏକଥା ଶୁଣି ସ୍ତ୍ରୀଙ୍କ ଆଖିରେ ଲୁହ ଜକେଇ ଆସିଲା ।

## ତାଳର ଉପକାରିତା

ଗାଁ ଗହଳିରେ ବହୁଳ ଭାବରେ ତାଳ ଗଛ ଦେଖିବାକୁ ମିଳିଥାଏ । କଞ୍ଚା ତାଳ ଯେତେ ସ୍ୱାଦିଷ୍ଟ ପାଚିଲା ତାଳ ଓ ତାଳ ଗଜା ଖାଇବାକୁ ଖୁବ୍ ଭଲ ଲାଗିଥାଏ । ତାଳ ଗଛର ତାଳଠାରୁ ଆରମ୍ଭ କରି ମୂଳ ପର୍ଯ୍ୟନ୍ତ ସବୁକିଛି କାମରେ ଲାଗିଥାଏ ।

ତାଳ ସଜକୁ ଖରାଦିନେ ଖାଇଲେ ଶରୀରର ଜଳୀୟ ଅଂଶ ଅଭାବ ଦୂର କରିଥାଏ । ଏଥିରେ ପ୍ରଚୁର ଭିଟାମିନ୍ ରହିଛି ।

ପାଚିଲା ତାଳକୁ ଖାଇବା ଫଳରେ ରକ୍ତ ସଫା ହୋଇଥାଏ, ମୂତ୍ରରୋଗ ଦୂର କରେ ।

ତାଳରୁ ଗୁଡ଼ ପ୍ରସ୍ତୁତ ହୋଇଥାଏ ।

ତାଳ ପାକଳ ପତ୍ରରେ ପୂର୍ବରୁ ଜାତକ ତିଆରି ହେଉଥିଲା । ତାଳପତ୍ରର ମାଦଳାପାଞ୍ଜି ଜଗନ୍ନାଥ



ମନ୍ଦିରରେ ଏବେ ବି ରହିଛି ।

ତାଳ ପତ୍ରର ଫାଉଡ଼ାରେ ବାଣି ତିଆରି କରାଯାଇ କାଠ ବିଡ଼ା ବନ୍ଧାଯାଏ । ଏଥି ସହିତ ତାଳପତ୍ରକୁ ଶୁଖାଇ ବିଛଣା, ଚଟେଇ ଓ ଭୋଗ ଡାଲା ଆଦି ତିଆରି କରାଯାଇଥାଏ ।

ତାଳର ଗଣ୍ଡିକୁ ଘରର ମୂଳ ଖୁଣ୍ଟ ରୂପରେ ବ୍ୟବହାର କରାଯାଇଥାଏ । ଏହା ଖୁବ୍ ଶକ୍ତିଶାଳୀ । ଚାଳ ଘରଠାରୁ ଆଜବେଷ୍ଟସ ଘର ତିଆରି କାମରେ ତାଳ ସେଣି ବ୍ୟବହାର କରାଯାଇଥାଏ ।

ପାଚିଲା ତାଳ ଗଛରୁ ଝଡ଼ିବା ପରେ ଏହାର କଳା ଚୋପା କାଢ଼ି ତେର ଅଂଶକୁ ପାଣିରେ ଚକଟି ଏଥିରୁ ରସ ବାହାର କରି ଏହାକୁ ଛାଣି ଚାଉଳ ବଟାରେ ମିଶାଇ ପିଠା କରି ଖାଇବା ଫଳରେ ଖୁବ୍ ସ୍ୱାଦିଷ୍ଟ ଲାଗିଥାଏ ।

ଏଥି ସହିତ ପାକଲା ତାଳ ସଜକ ଚାଳ କିମ୍ବା ମାଟି ଉପରେ ରଖିବାର କିଛି ଦିନ ପରେ ତାଳ ମଞ୍ଜି ଶୁଖିଯାଇଥାଏ ପରେ ଏଥିରୁ ଗଜା ବାହାରି ଥାଏ । ତାଳ ଗଜା ସୁଆଦିଆ ।

ତାଳ ଗଜା କୁମାର ପୂର୍ଣ୍ଣିମା ଦିନ ଚାନ୍ଦରେ ଚକଟା ଯାଇ ପୂଜା କରାଯାଇଥାଏ ।

ତାଳ ତିଆରି ପକ୍ଷିଆକୁ ବର୍ଷାରୁ ରକ୍ଷା କରିବା ପାଇଁ କୃଷକମାନେ ବିଲକୁ ପିନ୍ଧି ଯାଇଥାନ୍ତି ।

ଗାଁ ଗହଳିରେ ତାଳପତ୍ର ତିଆରି କୁଡ଼ିଆ ଘରେ ଲୋକ ବାସ କରିଥାନ୍ତି ।

## ଗୁଣକାରୀ ଗଙ୍ଗଶିଉଳୀ

ରାତି ପାହିଲେ ବୃନ୍ତରୁ ଝଡି ଭୂମିରେ ସୁନ୍ଦର ଶଯ୍ୟା ସୃଷ୍ଟି କରି ସୁବାସିତ ବାସ୍ନାରେ ଚତୁର୍ଦ୍ଦିଗକୁ ମହକାଇ ଦେବା ସହିତ ଶିବଙ୍କର ପ୍ରିୟ ଫୁଲ ରୂପେ ବିବେଚିତ ଗଙ୍ଗଶିଉଳୀ । ନାରୀର ଚୂଡ଼ର ସୌନ୍ଦର୍ଯ୍ୟକୁ ବୃଦ୍ଧି କରେ ଏହି ଫୁଲ । କେବଳ ସୌନ୍ଦର୍ଯ୍ୟ ନୁହେଁ, ଆହୁରି ମଧ ଗଙ୍ଗ ଶିଉଳୀ ଫୁଲ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ । କେବଳ ଫୁଲ ଯେ, ସୌନ୍ଦର୍ଯ୍ୟ ବୃଦ୍ଧି କରେ ତାହା ନୁହେଁ, ଏହାର ପତ୍ର ଓ ଛାଲି ବହୁ ରୋଗ ପାଇଁ ମହୌଷଧି ତୁଲ୍ୟ ।



ଗଙ୍ଗଶିଉଳୀ ପତ୍ରର ରସକୁ ନିୟମିତ ଚା' କରି ପିଇବା ଦ୍ୱାରା ଏହା ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ ।

ପିଲାଙ୍କ ପେଟରେ କୃମିକୁ ମଧ ନାଶ କରିବା ସହିତ ଚନ୍ଦାପଣ, ସ୍ତ୍ରୀରୋଗ ପାଇଁ ଗଙ୍ଗଶିଉଳୀ ଖୁବ୍ ଫଳପ୍ରଦ ।

ଜଏଣ୍ଟ ପେନ୍ ହେଉଥିଲେ ଗଙ୍ଗ ଶିଉଳୀର ୬/୭ ଟି ପତ୍ରକୁ ବାଟି ପାଣି ଦେଇ ଚୁଲିରେ ବସାଇ ଫୁଟାନ୍ତୁ । ପାଣି ଏକ ଭାଗ ରହିବା ପରେ ଏହାକୁ ଥଣ୍ଡା କରି ସକାଳୁ ଖାଲି ପେଟରେ ନିୟମିତ ପିଇବା ଫଳରେ ରୋଗ ଉପଶମ ହୋଇଥାଏ ।

କାଶ ଓ ଜ୍ୱର ପାଇଁ ଗଙ୍ଗ ଶିଉଳୀ ପତ୍ର ରାମବାଣ ସଦୃଶ । ଗଙ୍ଗ ଶିଉଳୀ ପତ୍ରକୁ ପାଣିରେ ସିଝାଇ ନିୟମିତ ପିଇବା ଫଳରେ କାଶ ଦୂର ହୋଇଥାଏ । ଏହାର ପତ୍ରକୁ ବାଟି ମହୁ ସହିତ ମିଶାଇ ପିଇବା ଫଳରେ ଜ୍ୱର ରୋଗ ଦୂର ହୋଇଥାଏ ।

ଗଙ୍ଗ ଶିଉଳୀର ୮/୧୦ ଟି ପତ୍ରକୁ ପାଣି ସହିତ ଧୀମା ଆଞ୍ଚରେ ବସାଇ ସିଝାନ୍ତୁ, ପାଣି ଅଧା ହୋଇଯିବା ପରେ ଏହାକୁ ଚୁଲିରୁ ଓହ୍ଲାଇ ଆଣନ୍ତୁ । ଥଣ୍ଡା ହେବା ପରେ ସକାଳ ଓ ସନ୍ଧ୍ୟାରେ ଖାଲି ପେଟରେ ଏହି ପାଣି ପିଅନ୍ତୁ ଖୁବ୍ କମ୍ ଦିନରେ ଆପଣଙ୍କ ରୋଗ ଉପଶମ ହୋଇଯିବ ।

## ଖାଦ୍ୟ ଲୋଭ ନିୟନ୍ତ୍ରଣ କରେ ଶାଗ

ଆବଶ୍ୟକତାଠାରୁ ଅଧିକ ଖାଇବାର ଲାଳସାକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିଲେ ନିୟମିତ ଶାଗ ଖାଆନ୍ତୁ । ଏଥିରେ ଥିବା ଥାଇଲାକ୍ ଏଡସ୍ ଅଧିକ ଖାଦ୍ୟ ଖାଇବା ଆଗ୍ରହକୁ ନିୟନ୍ତ୍ରଣରେ ରଖେ । ଫଳରେ



ଶରୀରରେ କ୍ୟାଲୋରି ପରିମାଣ ଠିକ୍ ରହେ । ଆମେରିକାର ଲୁଇସିଆନାସ୍ଥିତ ପେନିଙ୍ଗଟନ୍ ବାୟୋମେଡିକାଲ୍ ରିସର୍ଚ୍ଚ ସେଣ୍ଟରର୍ ବିଶେଷଜ୍ଞମାନେ ଏ ବାବଦରେ ଗବେଷଣା କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ।

## ଆପଣ ଜାଣନ୍ତି କି ?

- ପୃଥିବୀର ସମସ୍ତ ସ୍ଥାନରେ ମାଧ୍ୟାକର୍ଷଣ ଶକ୍ତି ସମାନ ନ ଥାଏ ।
- ମାଡାଗାସ୍କରରେ ଦେଖା ଯାଉଥିବା ଲିଫ୍ କ୍ୟାମେଲିୟନ ହେଉଛି ପୃଥିବୀର ସବୁଠାରୁ କ୍ଷୁଦ୍ରତମ ସରୀସୃପ । ଏହାର ଲମ୍ବ ମାତ୍ର ଗୋଟେ ଇଞ୍ଚ ।
- କୁକୁ ୱାସ୍ପ ନାମକ ଏକ ପ୍ରକାର ବିରୁଡି ପ୍ରଜାତି ରହିଛି ଯାହା କୋଇଲି ଭଳି ଅନ୍ୟ କୀଟଙ୍କ ବସାରେ ଯାଇ ଅଣ୍ଡା ଦେଇଥାଏ । ଏହାର ଶରୀରର ରଙ୍ଗ ଇନ୍ଦ୍ରଧନୁର ରଙ୍ଗ ଭଳି ସପ୍ତରଙ୍ଗ ବିଶିଷ୍ଟ ।
- ମହାକାଶଚାରୀଙ୍କ ଅନୁଯାୟୀ ଚନ୍ଦ୍ର ପୃଷ୍ଠର ଧୂଳି ଅତ୍ୟନ୍ତ ନରମ ଏବଂ ଏହାର ବାସ୍ନା ବାରୁଦ ଭଳି ।
- ପୃଥିବୀର ସବୁଠାରୁ ଉତ୍ତପ୍ତ ସ୍ଥାନ ଲିବ୍ୟାର ଏକ ଅଜିଜିଆ ହୋଇଥିବା ବେଳେ ସବୁଠାରୁ ଶୀତଳତମ ସ୍ଥାନ ହେଉଛି ଆଣ୍ଟାର୍କଟିକା ।
- ୧୨୫୦ ମସିହାରେ ରୋଜର ବେକୋନଙ୍କ ଦ୍ୱାରା ଜବକାଚ ବା ମାଗ୍ନିଫାଇଙ୍ଗ୍ ଗ୍ଲାସର ଉଦ୍ଭାବନ କରାଯାଇଥିଲା ।
- ମିଦାସ ଫ୍ଲାଏ ହେଉଛି ପୃଥିବୀର ସର୍ବବୃହତ୍ ମାଛି ପ୍ରଜାତି । ଏହାର ଲମ୍ବ ୭ ସେଣ୍ଟିମିଟର ଯାଏ ରେକର୍ଡ କରାଯାଇଛି ।
- ପୃଥିବୀର ସବୁଠାରୁ ଉଚ୍ଚତମ ସ୍ଥାନ ମାଉଣ୍ଟ ଏଭରେଷ୍ଟ ହୋଇଥିବା ବେଳେ ସବୁଠାରୁ ଗଭୀରତମ ସ୍ଥାନ ହେଉଛି ମେରିଆନା ଟ୍ରେଞ୍ଚ ।
- ଗୋଟିଏ ଟନ୍ କାଗଜକୁ ରିସାଇକଲ କରାଗଲେ ପ୍ରାୟ ୧୭ ଟି ଗଛ କଟାଯିବାରୁ ରକ୍ଷା କରାଯାଇ ପାରିବ ।

## ବହୁ ଉପକାରୀ କଞ୍ଚା ଅମୃତଭଣ୍ଡା

କଞ୍ଚା ଅମୃତଭଣ୍ଡା ଆମ ଶରୀର ପାଇଁ ବହୁତ ଲାଭକାରୀ ହୋଇଥାଏ । ଏଥିରେ ଭିଟାମିନ୍ ଏ, ସି, ଓ ଇ ଭରପୁର ମାତ୍ରାରେ ଥାଏ । ଏହା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ କରିଥାଏ । ଲିଭରକୁ ସୁସ୍ଥ ରଖିବାରେ କଞ୍ଚା ଅମୃତଭଣ୍ଡାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଜଣ୍ଡିସ୍ ହେଲେ ଲିଭର ଦୁର୍ବଳ ହୋଇଯାଏ । ତେଣୁ ରୋଗୀମାନଙ୍କୁ କଞ୍ଚା ଅମୃତଭଣ୍ଡାର ସାଲାଡ୍ ଭାବେ ଖାଇବାକୁ ଦିଆଯାଏ । ଏହା ଦ୍ୱାରା ରୋଗୀର ଲିଭର ସୁସ୍ଥ ରହେ । ସେହିପରି କଞ୍ଚା ଅମୃତଭଣ୍ଡା ଥଣ୍ଡା, କାଶ ଓ ଇନଫେକ୍ସନ୍ ସହିତ ମଧ ଲଢ଼ିଥାଏ । ପରିସ୍ରା ସମ୍ପର୍କିତ ସମସ୍ୟାଗୁଡିକ କଞ୍ଚା ଅମୃତଭଣ୍ଡା ଖାଇବା ଦ୍ୱାରା ଦୂର ହୋଇଥାଏ । କଞ୍ଚା ଅମୃତଭଣ୍ଡା ଶରୀରକୁ



ବ୍ୟାକ୍ଟେରିଆ ସଂକ୍ରମଣରୁ ରକ୍ଷା କରିବାରେ ସହାୟକ ହୋଇଥାଏ । ଯେଉଁ ବ୍ୟକ୍ତି କୋଷ୍ଠକାଠିନ୍ୟର ଶିକାର ହୋଇଥିବେ, ସେମାନଙ୍କୁ ନିଶ୍ଚିତ ଭାବେ କଞ୍ଚା ଅମୃତଭଣ୍ଡା ଖାଇବା ଦରକାର । କାରଣ କଞ୍ଚା ଅମୃତଭଣ୍ଡାରେ ପେପିନ ନାମରେ ଏକ ଏନ୍‌ଜାଇମ୍ ଥାଏ । ଏହା ପ୍ରାକୃତିକ ଉପାୟରେ କୋଷ୍ଠକାଠିନ୍ୟକୁ ଭଲ କରିବାରେ ସହାୟକ ହୋଇଥାଏ । ତେଣୁ ସମସ୍ତେ କଞ୍ଚା ଅମୃତଭଣ୍ଡା ଖାଇବା ଉଚିତ ।

## ସୋରିଷ ଶାଗର ଲାଭ

ସୋରିଷ ଗଛର ମଞ୍ଜି, ପତ୍ର ଏବଂ କାଣ୍ଡ ମଧ ଖାଇବା ପାଇଁ ଉପଯୁକ୍ତ । ସୋରିଷ ମଞ୍ଜିକୁ ମସଲା ରୂପେ ବ୍ୟବହାର କରାଯାଇଥାଏ । ପ୍ରତି ୧୦୦ ଗ୍ରାମ ପତ୍ରରେ କାର୍ବୋହାଇଡ୍ରେଟ୍ ୪.୫ ଗ୍ରାମ୍, ପୁଷ୍ଟିସାର ୩ ଗ୍ରାମ୍, ଭିଟାମିନ୍ ଏ ୩୦୦ ମାଇକ୍ରୋଗ୍ରାମ୍, ଭିଟାମିନ୍ 'ସି' ୬୫ ମି.ଗ୍ରାମ୍, ଲୌହ ୧.୭ ମି.ଗ୍ରାମ, କ୍ୟାଲସିୟମ୍ ୧୧୫ ମି.ଗ୍ରାମ୍ ଥାଏ ।

**ଔଷଧୀୟ ଗୁଣ:** ସୋରିଷ ପତ୍ର ବହୁତ କମ୍ କ୍ୟାଲୋରୀଯୁକ୍ତ, ତେଣୁ ଏହାକୁ ଶାଗ ରୂପେ ଖାଇଲେ ମଧୁମେହ ରୋଗ ନିୟନ୍ତ୍ରଣ ହେବାର ସମ୍ଭାବନା ରହିଛି । ଏହି ଶାଗରେ ଭିଟାମିନ୍ 'କେ' ଥିବାରୁ ଆଲଜାଇମର୍ ରୋଗୀଙ୍କ ପାଇଁ ଭଲ । ସତେଜ ଥିବା ଶାଗକୁ ରାନ୍ଧି ଖାଇବା ଦ୍ୱାରା ଶରୀରକୁ ଭିଟାମିନ୍ ବି' ପ୍ରଚୁର ପରିମାଣରେ ମିଳିଥାଏ । ଶରୀରରେ କ୍ୟାଲସିୟମ୍ ଥିବାରୁ ହାଡ଼ ଶକ୍ତ ହୋଇଥାଏ । ଚର୍ମ



ରୋଗୀମାନେ ନିୟମିତ ଏହାର ଶାଗ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ । ସୋରିଷ ଶାଗ ଖାଇବା ଦ୍ୱାରା ଶରୀରର ସ୍ନାୟୁଗୁଡିକର କୋଷ ଶକ୍ତ ହୋଇଥାଏ ।

## କହିପାରିବେ କି ?

(୧) ଭାରତନାଟ୍ୟମ୍ ନୃତ୍ୟ ପାଇଁ କେଉଁ ରାଜ୍ୟ ପ୍ରସିଦ୍ଧ ?
(୨) କଥକ କେଉଁ ରାଜ୍ୟର ପ୍ରସିଦ୍ଧ ନୃତ୍ୟ ?
(୩) କୁଚିପୁଡି ନୃତ୍ୟ ପାଇଁ କେଉଁ ରାଜ୍ୟ ପ୍ରସିଦ୍ଧ ?
(୪) ମୋହିନୀଆଟମ୍ କେଉଁ ରାଜ୍ୟର ପ୍ରସିଦ୍ଧ ନୃତ୍ୟ ?
(୫) ମଣିପୁରୀ କେଉଁ ରାଜ୍ୟର ପ୍ରସିଦ୍ଧ ନୃତ୍ୟ ?
(୬) ଜିଏସ୍‌ଏଟି-୯ ବା ଦି ସାଉଥ ଏସିଆ ସାଟେଲାଇଟର ଓଜନ କେତେ ?
(୭) କେଉଁ ପ୍ରାଣୀ ତା' ଜୀବନକାଳ ଭିତରେ ଆଦୌ ପାଣି ପିଇ ନ ଥାଏ ?
(୮) ଲାଫିଂଗ ଗ୍ୟାସର ନାଁ କ'ଣ ?
(୯) ଗୁଗୁଲ ଟଏଲେଟ୍ ଲୋକେଟର କେଉଁ କେନ୍ଦ୍ରମନ୍ତ୍ରୀ ଲଞ୍ଚ କରିଥିଲେ ?
(୧୦) ସବୁଠାରୁ ବାୟୁ ପ୍ରଦୂଷଣ ଗ୍ୟାସ୍ କ'ଣ ?

### JUMBLE WORDS

| | | | |
|---|---|---|---|
| 1) VEAEL | = | 6) LYURT | = |
| 2) TBYAT | = | 7) TANSAO | = |
| 3) HORSDU | = | 8) MRTIVA | = |
| 4) ATNTIA | = | 9) ATRGN | = |
| 5) RIHLW | = | 10) FOREF | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.କ୍ରିକେଟ୍, ୨.ଅଷ୍ଟ୍ରେଲିଆ, ୩.୧୫ଟି ଲାଲ୍ ବଲ୍, ୪.ଗଲ୍ଫ, ୫.ଇଂଲଣ୍ଡ, ୬.ଦଣ୍ଡ ଚୁମ୍ବକ, ୭.ଡିସି, ୮.କାର୍ବନରେ, ୯.ଫ୍ଲେମିଙ୍ଗ. ୧୦.ଲାଇଭ୍ ।

***Jumble Words* ର ଉତ୍ତର :-**

(1) HOUSE (2) REJECT (3) NIBBLE (4) GOOFY (5) PILOT
(6) STANZA (7) FINALE (8) TOPAZ (9) WINDOW (10) BONNET

## ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ବିଜେପୁର: ବିଜେପୁର ବ୍ଲକ ଅନ୍ତର୍ଗତ ବିଜେପୁର ମହାବିଦ୍ୟାଳୟ ଠାରେ ପ୍ରାଧାପକ ଶ୍ରୀ ସୁରେଶ ରାମ ମେହେରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ପ୍ରଦୀପ କୁମାର ମିଶ୍ରଙ୍କ ସଭାପତିତ୍ୱ ତଥା ଓଡ଼ିଆ ବିଭାଗର ଅଧାପକ ଶ୍ରୀ ସରୋଜ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପ୍ରାଧାପକ ମହେନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୁମାର ସାହୁ, ଅଧାପିକା ଶ୍ରୀମତୀ ପ୍ରତୀକ୍ଷା ସେଠ୍, ରାଜଶ୍ରୀ ସାହୁ, ଲିପ୍ସା ମହାପାତ୍ର, ସୁଭ୍ରା ସ୍ୱାଗତିକା ପଣ୍ଡା, ଝରଣା ମହାକୁର, ନମ୍ରତା ପାତ୍ର, ପୂଜା ପଧାନ, ଅଧାପକ ଅମୂଲ୍ୟନିଧି ପଧାନ, ଅକ୍ଷୟ କୁମାର ସାହୁ, ଦିନେଶ ଅଗ୍ରୱାଲା, ରମେଶ ସାହୁ, ମାନସ ଗର୍ତ୍ତିଆ, ରବିକାନ୍ତ ମହାନନ୍ଦ ପ୍ରମୁଖ ଯୋଗ ଦେଇ କହିଥିଲେ ଯେ, ବିଦାୟୀ ପ୍ରାଧାପକ ଶ୍ରୀ ମେହେର ଜଣେ ପ୍ରବୀଣ ଶିକ୍ଷାବିତ, ଛାତ୍ରବତ୍ସଳ, ପଥପ୍ରଦର୍ଶକ ଓ ଆଦର୍ଶ ଶିକ୍ଷକ ଭାବେ ତଥା ନିଜର କର୍ତ୍ତବ୍ୟ ପରାୟଣତା, ଅନୁଶାସନ, ସୁଚିନ୍ତିତ ବିଚାରଧାରା ପାଇଁ ସେ ଅଞ୍ଚଳରେ ପରିଚିତ । ୧୯୯୧ ମସିହା ରୁ ଏ ମହାବିଦ୍ୟାଳୟକୁ ଆସିବା ଦିନଠାରୁ ନିଜର ଅଦମ୍ୟ ନିଷ୍ଠା, ସାଧନା, ଉଦ୍ୟମ ବଳରେ ମହାବିଦ୍ୟାଳୟକୁ ଆଗେଇ ନେବାରେ ସାହାଯ୍ୟ କରିଛନ୍ତି । ନିଜର ଜ୍ଞାନ ଓ ଉତ୍କୃଷ୍ଟ ଶିକ୍ଷା ପଦ୍ଧତି ବଳରେ ସେ ଯେକୌଣସି ଜଟିଳ ବିଷୟକୁ ସରଳତାର ସହ ବୁଝାଉ ଥିଲେ ବୋଲି ସେମାନେ କହିଥିଲେ । ଶେଷରେ ଅଧାପିକା ମାନସୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

## ବୌଦ୍ଧ ଜବାହାର ନବୋଦୟ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ

ସୁବର୍ଣ୍ଣପୁର: ବୌଦ୍ଧ ଜବାହାର ନବୋଦୟ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରିନସିପାଲ ଶ୍ରୀମତୀ ଜୋଲି ଟମି ଓ ଭାଇସ ପ୍ରିନସିପାଲ ସୁରେଶ କୁମାର ସାହୁ ବୈଜ୍ଞାନିକ ସି. ଭି. ରମଣଙ୍କ ଫଟୋ ଚିତ୍ରରେ ଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ବିଜ୍ଞାନ ସମ୍ପର୍କିତ ସଂଗୀତ ପରିବେଷଣ କରାଯାଇଥିଲା । ନବମ ଶ୍ରେଣୀ ର ଛାତ୍ର ଶ୍ରୀ ଆୟୁଷ୍ମାନ ପ୍ରଧାନ ବୈଜ୍ଞାନିକ ସି. ଭି. ରମଣଙ୍କ ଭୂମିକାରେ ଅବତୀର୍ଣ୍ଣ ହୋଇ ଖୁବ ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଜୀବ ବିଜ୍ଞାନ ଅଧାପକ କୈଳାଶ ଚନ୍ଦ୍ର ଭୋଇ ବିଜ୍ଞାନ ସମ୍ପର୍କିତ ତଥ୍ୟ ଛାତ୍ର ଛାତ୍ରୀ ଙ୍କୁ ପ୍ରଦାନ କରିଥିଲେ । ବିଦ୍ୟାଳୟର ଛାତ୍ର ଶ୍ରୀ ଆଶୁତୋଷ ସାହୁ ଓ ଛାତ୍ରୀ ସୁଶ୍ରୀ ପରିମିତା ସାହୁ ମଞ୍ଚ ପରିଚାଳନା କରିଥିଲେ । ପରେ ଏନ.ଏଚ.ଆର.ଡି.ଏଫର ନିର୍ଦ୍ଦେଶକ ଶ୍ରୀ ଏ. କେ. ପାଣ୍ଡେଙ୍କୁ ବିଦ୍ୟାଳୟର ପ୍ରିନସିପାଲ ଶ୍ରୀମତୀ ଜୋଲି ଟମି ପୁଷ୍ପ ଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇବା ପରେ ବିଜ୍ଞାନ ପ୍ରଦର୍ଶନୀ ର ଆରମ୍ଭ କରାଯାଇଥିଲା । ଏହି ବିଜ୍ଞାନ ପ୍ରଦର୍ଶନୀ ରେ ଷଷ୍ଠ ଶ୍ରେଣୀ ରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରି ଅତି ଚମତ୍କାର ଭାବରେ ନିଜ ନିଜର ମଡେଲ ବିଷୟରେ ଉପସ୍ଥାପନା କରିଥିଲେ । ଗଣିତ ବିଭାଗ ତରଫରୁ ସୁଶ୍ରୀ ନୁରସବାଙ୍କ ନିର୍ଦ୍ଦେଶନା ରେ କନିଷ୍ଠ ବର୍ଗର ଛାତ୍ର ଛାତ୍ରୀ ମାନେ 'ମ୍ୟାଥ ଆଇଲାଣ୍ଡ' ପ୍ରସ୍ତୁତ କରିଥିଲେ । ବିଜ୍ଞାନ ପ୍ରଦର୍ଶନୀ ରେ ହାରାହାରି ୩୦ ରୁ ୩୫ ଟି ମଡେଲ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ପ୍ରସ୍ତୁତି କରାଯାଇଥିଲା । ଶ୍ରୀ କୈଳାଶ ଚନ୍ଦ୍ର ଭୋଇ, ଶ୍ରୀ ଶ୍ରୀକାନ୍ତ କୁମାର ପଣ୍ଡା, ଶ୍ରୀ ପ୍ରଶାନ୍ତ କୁମାର ସୋନି, ଶ୍ରୀ ଅବିନାଶ ସାହୁ, ସୁଶ୍ରୀ ନୁରସବା ଓ ଶ୍ରୀ ଏ. କେ ମିଶ୍ର ଶିକ୍ଷକ ମାନଙ୍କ ମାର୍ଗ ଦର୍ଶନ ରେ ଛାତ୍ର ଛାତ୍ରୀ ମାନେ ଏହି ବିଜ୍ଞାନ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ସରକାରୀ ଉଚ୍ଚ ବିଦ୍ୟାଳୟ ମେଣ୍ଢିମାଳର ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟ ପରିସରକୁ ଆସି ଏହି ବିଜ୍ଞାନ ପ୍ରଦର୍ଶନୀ ଦେଖିଥିଲେ ।

## ଏପ୍ରିଲ ୩ ରେ ଅତାବିରା ଏନଏସି ଭୋଟ୍

ଭୁବନେଶ୍ୱର: ବରଗଡ଼ ଜିଲ୍ଲାର ଅତାବିରା ବିଜ୍ଞାପିତ ପରିଷଦ ଅଞ୍ଚଳ (ଏନଏସି)ର କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୧୨ରେ ଶେଷ ହେଉଥିବାରୁ ତା'ପୂର୍ବରୁ ଏନଏସିରେ ନିର୍ବାଚନ ନେଇ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ତାରିଖ ଘୋଷଣା କରାଯାଇଛି । ଏପ୍ରିଲ ୩ରେ ଭୋଟ ଗ୍ରହଣ କରାଯାଇ ୫ରେ ଗଣତି କରାଯିବ । ଏପ୍ରିଲ ୧୯ରେ ଏନଏସିର ଉପାଧକ୍ଷ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ନିର୍ବାଚନ ପାଇଁ ଏନଏସିରେ ଏପ୍ରିଲ ୫ ପର୍ଯ୍ୟନ୍ତ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । ରାଜ୍ୟ ନିର୍ବାଚନ ମାର୍ଚ୍ଚ ୯ ରୁ ଆଶାୟୀ ପ୍ରାର୍ଥୀ/ ପ୍ରାର୍ଥିନୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିବେ । ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ମାର୍ଚ୍ଚ ୧୫ ରହିଛି । ୧୭ ତାରିଖରେ ନାମାଙ୍କନପତ୍ର ଯାଞ୍ଚ ଏବଂ ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ଦିନ ୨୦ ତାରିଖ ରହିଛି । ଅତାବିରାରେ ୧୨ ଓ୍ୱାର୍ଡରେ ୯ ହଜାର ୮୭୭ ଭୋଟର ମତଦାନ ସାବ୍ୟସ୍ତ କରିବେ । ନିର୍ବାଚନ ଆୟୋଗଙ୍କ ୧ ଜାନୁଆରୀ ୨୦୨୩ ଚୂଡ଼ାନ୍ତ ଭୋଟର ତାଲିକାକୁ ଗ୍ରହଣ କରାଯାଇ ଏହି ଏନ୍.ଏ.ସି ଭୋଟର ତାଲିକା ପ୍ରକାଶ କରାଯାଇଛି । କାଉନସିଲର ଏବଂ ଅଧକ୍ଷ ପଦବୀ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହେଉଥିବାରୁ ପ୍ରତ୍ୟେକ ବୁଥରେ ଦୁଇଟି ଇଭିଏମ ପୃଥକ ପୃଥକ୍ ଭାବେ ରଖାଯିବ । ଗୋଟିଏ ଇଭିଏମ କାଉନସିଲର ଏବଂ ଅନ୍ୟଟି ଅଧକ୍ଷ ପଦବୀ ପାଇଁ ବ୍ୟବହାର କରାଯିବ । କାଉନସିଲର ନିର୍ବାଚନ ପାଇଁ ଗୋଲାପି ରଙ୍ଗ କାଗଜ ଏବଂ ଅଧକ୍ଷ ନିର୍ବାଚନ ପାଇଁ ହଳଦିଆ ରଙ୍ଗର କାଗଜ ବ୍ୟାଲଟ ପେପର ଇଭିଏମରେ ବ୍ୟବହାର କରାଯିବ । ଇଭିଏମରେ ନୋଟା ବଟମ ରହିବ, ଯାହାକି ଶେଷ ପ୍ରାର୍ଥୀଙ୍କ ନାମ ପରେ ରଖାଯିବ ।

## ପ୍ରଫେସର ପି.ସି. ଶତପଥୀଙ୍କ ପରଲୋକ

ସମ୍ବଲପୁର : ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜର ଅବସରପ୍ରାପ୍ତ ମେଡିସିନ୍ ପ୍ରଫେସର ଡାକ୍ତର ପି.ସି ଶତପଥୀଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ବୟସ ହେଉଥିଲା । ସେ ବୁର୍ଲା ଭିଏସଏସ୍ ମେଡିକାଲ କଲେଜରେ ଭେଷଜ ବିଭାଗର ପ୍ରଫେସର ଭାବେ ଦୀର୍ଘ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ କାର୍ଯ୍ୟ ନିର୍ବାହ କରି ସମସ୍ତଙ୍କ ଶ୍ରଦ୍ଧାଭାଜନ ହୋଇଥିଲେ । ୧୯୮୫ ଅକ୍ଟୋବର ୩୧ ରୁ ଅବସର ଗ୍ରହଣ କରିଥିବାଲେ ମଧ ଶେଷ ପର୍ଯ୍ୟନ୍ତ ରୋଗୀ ସେବାରେ ନିଜକୁ ନିୟୋଜିତ କରିଥିଲେ । ଏହାଛଡ଼ା ରେଡକ୍ରସ୍ ସୋସାଇଟି ସଦସ୍ୟ ରହି ବିଭିନ୍ନ ସାମାଜିକ କାର୍ଯ୍ୟରେ ସେ ସକ୍ରିୟ ଥିଲେ । ସେ ଜଣେ ଧର୍ମ ପରାୟଣ ବ୍ୟକ୍ତି ଥିଲେ । ତାଙ୍କର ତିନି ପୁଅ ବିଭିନ୍ନ ଉଚ୍ଚ ପଦରେ ରହି ସୁଖ୍ୟାତି ଅର୍ଜନ କରିଛନ୍ତି । ତାଙ୍କ ବିୟୋଗରେ ଆଇଏମଏର ସମ୍ବଲପୁର ଶାଖା ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଡାକ୍ତର ବିନୋଦ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ଡାକ୍ତର ଦୀପକ କୁମାର ପାଣିଗ୍ରାହୀ, ଡାକ୍ତର ରମାବଲ୍ଲଭ ମିଶ୍ର, ଡାକ୍ତର କବୀର ପୁରୋହିତ, ଡାକ୍ତର ସୁରେଶ ଚନ୍ଦ୍ର ଦାନୀ, ଡାକ୍ତର ବିଶ୍ୱନାଥ ମିଶ୍ର, ଡାକ୍ତର ନିରଞ୍ଜନ ଅଗ୍ରୱାଲ ଓ ଡାକ୍ତର ବିମଳ ପଣ୍ଡା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଶତପଥୀଙ୍କ ରୋଗ ଚିହ୍ନଟ କରିବାର ଦକ୍ଷତା ଓ ସମୟାନୁବର୍ତ୍ତିତାର ସ୍ମୃତିଚାରଣ କରିଥିଲେ ।

## ଦୟାସାଗର ବହିଦାରଙ୍କ ଶ୍ରାଦ୍ଧ ଦିବସ ପାଳିତ

ସମ୍ବଲପୁର : ସ୍ଥାନୀୟ ଦୁର୍ଗାପାଲି ସ୍ଥିତ ଦୟାମଣି ବୃଦ୍ଧାଶ୍ରମ ଠାରେ ଗାନ୍ଧୀବାଦୀ ଦୟାସାଗର ବହିଦାରଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ, ଡାକ୍ତର ଲକ୍ଷ୍ମୀନାରାୟଣ ରଥ, ବେଣୁଧର ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ପ୍ରାଧାପକ ଡକ୍ଟର ଶ୍ୟାମ ସୁନ୍ଦର ଧର, ଆଡଭୋକେଟ୍ ଅଶୋକ କୁମାର ସେନାପତି, ପ୍ରଦୀପ ଦୋରା, ଇଞ୍ଜିନିୟର ଶ୍ରୀକାନ୍ତ ପାଣିଗ୍ରାହୀ, ମୀନାକ୍ଷୀ ପୂଜାରୀ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ସୂର୍ଯ୍ୟ କୁମାର ପଣ୍ଡା, ପାର୍ଥସାରଥୀ ଦାନୀ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ବହିଦାରଙ୍କ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ବହିଦାରଙ୍କ ପୁତ୍ରୀ ତଥା ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାର, ପୁତ୍ରବଧୂ ସ୍ନିଗ୍ଧାଶ୍ରୀ ବହିଦାର, ସିପ୍ରା ମହାନ୍ତି ଓ ନାତିନାତୁଣୀ ମାନେ ମଧ ଉପସ୍ଥିତ ଥିଲେ । ସ୍ୱର୍ଗତ ବହିଦାରଙ୍କ ପରିବାର ପକ୍ଷରୁ ବ୍ରାହ୍ମଣ ଭୋଜନ ଓ ବୃଦ୍ଧାଶ୍ରମର ଅନ୍ତେବାସୀମାନଙ୍କୁ ଭୋଜନରେ ଆପ୍ୟାୟିତ କରାଯାଇଥିଲା ।

## ତାଳପଟିଆରେ ୨୪ ପ୍ରହରୀ ନାମଯଜ୍ଞ

ଝାରସୁଗୁଡ଼ା : ତାଳପଟିଆ ଗ୍ରାମରେ ୨୪ ପ୍ରହରୀ ନାମଯଜ୍ଞ ଆରମ୍ଭ ହୋଇଛି । କଟକ ରାସବିହାରୀ ମଠର ମହନ୍ତ ବୃନ୍ଦାବନ ଦାସ ଅଧିବାସ କାର୍ଯ୍ୟକ୍ରମରେ ଯୋଗ ଦେଇ ନାମଯଜ୍ଞ ଆରମ୍ଭ କରିଛନ୍ତି । ଶନିବାର ଠାରୁ ଆରମ୍ଭ ହୋଇଥିବା ଏହି ନାମଯଜ୍ଞ ଆସନ୍ତା ୮ ତାରିଖ ଦିନ ଉଦଯାପିତ ହେବ । ରାଜୀବ ସାକୁନିଆ ଏବଂ ତାଙ୍କ ଧର୍ମପତ୍ନୀ ନାମଯଜ୍ଞର କର୍ତ୍ତା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ରୋହିତ କୁମାର ମହାପାତ୍ର ପୂଜାର୍ଚ୍ଚନା କରୁଛନ୍ତି । ପ୍ରାୟ ୫୦ଟି କୀର୍ତ୍ତନ ଦଳ ଏଥିରେ ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଛି ।

## ଘୋଷଣା

୧୯୫୬ ମସିହାର ରେଜିଷ୍ଟ୍ରେଶନ ଅଫ୍ ନିଉଜ୍ ପେପର୍ସ (ସେଣ୍ଟ୍ରାଲ) ନିୟମ ଅନୁସାରେ ସାପ୍ତାହିକ 'ସ୍ୱୀକାର'ର ବିବରଣୀ (ଫର୍ମ ୪ ଅଷ୍ଟମ ଧାରା)

| | | | |
|---|---|---|---|
| ୧. | ପ୍ରକାଶ ସ୍ଥାନ | - | ସମ୍ବଲପୁର |
| ୨. | ପ୍ରକାଶ ସମୟ | - | ପ୍ରତ୍ୟେକ ସପ୍ତାହର (ରବିବାର) |
| ୩. | ମୁଦ୍ରାକରଙ୍କ ନାମ | - | ହେମନ୍ତ କୁମାର ମହାପାତ୍ର |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ସି/୬, ଲେବରକଲୋନୀ, ମୁଦିପଡ଼ା, ସମ୍ବଲପୁର, ୭୬୮୦୦୨ |
| ୪. | ପ୍ରକାଶକଙ୍କ ନାମ | - | ହେମନ୍ତ କୁମାର ମହାପାତ୍ର |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ସି/୬, ଲେବରକଲୋନୀ, ମୁଦିପଡ଼ା, ସମ୍ବଲପୁର, ୭୬୮୦୦୨ |
| ୫. | ସମ୍ପାଦକଙ୍କ ନାମ | - | ହେମନ୍ତ କୁମାର ମହାପାତ୍ର |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ସି/୬, ଲେବରକଲୋନୀ, ମୁଦିପଡ଼ା, ସମ୍ବଲପୁର, ୭୬୮୦୦୨ |
| ୬. | ସ୍ୱତ୍ୱାଧିକାରୀଙ୍କ ନାମ | - | ହେମନ୍ତ କୁମାର ମହାପାତ୍ର |
| | ଠିକଣା | - | ସି/୬, ଲେବରକଲୋନୀ, ମୁଦିପଡ଼ା, ସମ୍ବଲପୁର, ୭୬୮୦୦୨ |

ଆମ୍ଭେ ଶ୍ରୀ ହେମନ୍ତ କୁମାର ମହାପାତ୍ର ଏତଦ୍ୱାରା ଘୋଷଣା କରୁଅଛୁ କି ଉପରୋକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଓ ହୃଦ୍‌ବୋଧ ହୋଇଅଛି ।

ହେମନ୍ତ କୁମାର ମହାପାତ୍ର,
ପ୍ରକାଶକ, 'ସ୍ୱୀକାର'

ତା.୪/୦୩/୨୦୨୩

## ଲାରିପାଲି ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

ସମ୍ବଲପୁର : ରେଙ୍ଗାଲି ବ୍ଲକ ଅନ୍ତର୍ଗତ ଲାରିପାଲି ଗ୍ରାମରେ ନବନିର୍ମିତ ସମଲେଶ୍ୱରୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆସନ୍ତା ୯ ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ୯ ତାରିଖ ଅପରାହ୍ନରେ କଳସ ଶୋଭାଯାତ୍ରା ହେବ । ସୁବାଷ ମିଶ୍ର ଏବଂ ତାଙ୍କ ଧର୍ମପତ୍ନୀ ଏହି ମହୋତ୍ସବର ମୁଖ୍ୟ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଗ୍ରାମର ଅନ୍ୟ ୮ ଜଣ ଦମ୍ପତି ମଧ କର୍ତ୍ତା ହୋଇ ଯଜ୍ଞରେ ବସିବେ । ଏହି ଅବସରରେ ଗ୍ରାମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ବରଗଡ଼ ଜିଲ୍ଲା ପାଇକମାଳର ସୀତାବତୀ କୁମ୍ଭାର ଓ ଛତିଶଗଡ଼ର ଉର୍ମିଳା ଦାସ ସଂଚାର ପରିବେଷଣ କରିବେ । ସେହିପରି ବରଗଡ଼ ଜିଲ୍ଲାର ତାମି ମୁଣ୍ଡା ଗ୍ରାମର ସୈରେନ୍ଧ୍ରୀ ଜାଲ ଏବଂ ସୁବର୍ଣ୍ଣପୁର ଜିଲ୍ଲା ଲିଙ୍ଗାଗାଡିର ଲିପି ବାହାକଙ୍କ ମହିଳା କୀର୍ତ୍ତନ ଦଳ କୀର୍ତ୍ତନ ପରିବେଷଣ କରିବେ । ବରଗଡ଼ ଜିଲ୍ଲା ବୁର୍ଦ୍ଦାର କୃଷ୍ଣ ଗୁରୁ ଦଳ ଏବଂ ରେମଣ୍ଡାର ମାଷ୍ଟର ପାର୍ଟି ମଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣକ କରିବାର କାର୍ଯ୍ୟକ୍ରମ ରହିଛି । ଏହାଛଡ଼ା ୧୧ ତାରିଖି ଦିନ ଦିଲ୍ଲୀରୁ ଆସୁଥିବା ଝଞ୍ଜିରାମାୟଣ ଏହି ମହୋତ୍ସବର ମୁଖ୍ୟ ଆକର୍ଷଣ ହେବ । କୁମାରୀ ବନ୍ଦିତା ନାୟକ ମଧ ଏଥିରେ ରାମାୟଣ ପାରାୟଣ କରିବାର କାର୍ଯ୍ୟକ୍ରମ ରହିଛି ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସମ୍ବଲପୁର ଆଇ.ଆଇ.ଏମ୍‌ରେ ଯୁବ ସଙ୍ଗମ: ସିକିମ୍ ଯୁବ ଦଳ ସମ୍ବର୍ଦ୍ଧିତ




ବୁର୍ଲା: ଓଡ଼ିଶାର ସଂସ୍କୃତି ଓ ବୈଭବ ସୁଦୂର ପ୍ରସାରୀ, ପ୍ରତିଟି ଓଡ଼ିଆ ସେଥିପାଇଁ ଗର୍ବିତ ବୋଲି ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର କହିଛନ୍ତି ।

ଆଇଆଇଏମ୍ ସମ୍ବଲପୁରଠାରେ ଏକ ଭାରତ ଶ୍ରେଷ୍ଠ ଭାରତ ଅବସରରେ ଆୟୋଜିତ ଯୁବ ସଙ୍ଗମ କାର୍ଯ୍ୟକ୍ରମରେ ବିଶିଷ୍ଟ ବକ୍ତା ଭାବେ ଯୋଗଦେଇ କୁଳପତି ଶ୍ରୀ ମିଶ୍ର ଓଡ଼ିଶା ତଥା ସମ୍ବଲପୁର ପ୍ରାକୃତିକ ସମ୍ପଦ ଆଜି ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ ।

ଅନ୍ୟତମ ଅତିଥି ଏନ୍‌ଆଇଟି ରାଉରକେଲାର କୁଳସଚିବ ପ୍ରଫେସର ରୋହନ ଧୂମାନ୍ ଉଦ୍‌ବୋଧନ ଦେଇ ଭାବଗତ ଆଦାନ ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କ ଏହି ମହନୀୟ କାର୍ଯ୍ୟକ୍ରମ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ସମ୍ପର୍କର ସେତୁ ହେବ ବୋଲି କହିଥିଲେ । ୟୁଟ୍ୟୁବର ତାରକା ଇସାକ୍ ମୁଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇ ନିଜ ଅନୁଭୂତିରୁ ତାଙ୍କ ଜୀବନ ଓ ସେଥିରେ ଆସିଥିବା ପରିବର୍ତ୍ତନ ଉପରେ ବଖାଣିଥିଲେ ।

ଏନ୍‌ଆଇଟି ରାଉରକେଲାର ସହଯୋଗରେ






ଆଇଆଇଏମ୍ ଅଡିଟୋରିଅମ ଠାରେ ଅନୁଷ୍ଠିତ ଉତ୍ସବରେ ଅଧକ୍ଷତା କରି ଆଇଆଇଏମ୍‌ର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ସମାଜର ବିକାଶ ତଥା ବାଣିଜ୍ୟିକ କ୍ଷେତ୍ରରେ ପ୍ରଭୂତ ଉନ୍ନତି ଆଣିବା ଦିଗରେ ସମ୍ବଲପୁର ଆଇ.-ଆଇଏମ୍ ପ୍ରୟାସରତ । ଏକ ସମୃଦ୍ଧ ଦେଶ ପାଇଁ ବୌଦ୍ଧିକ ସମ୍ବଳର ଉପଯୁକ୍ତ ବ୍ୟବହାର ଜରୁରୀ । ଏଥିପାଇଁ କେନ୍ଦ୍ରୀୟ ଅନୁଷ୍ଠାନ ଗୁଡିକର ଭୂମିକା ଓ ପରସ୍ପର ମଧ୍ୟରେ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ । ଫ୍ଲିପ୍‌କାର୍ଡ ସହାୟତାରେ କାରୀଗର ଏବଂ ବୁଣାକାରମାନଙ୍କ ପାଇଁ ବ୍ୟବସାୟୀକ ମଡେଲ ପ୍ରସ୍ତୁତି ନିମନ୍ତେ ନିଆଯାଉଥିବା ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ ।

ଏହି ଅବସରରେ ସିକିମରୁ ଆସିଥିବା ୩୦ ଜଣିଆ ପ୍ରତିନିଧି ଦଳର ଯଶୋଦା ଶର୍ମାଙ୍କ ସମେତ ଅନ୍ୟମାନେ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ । ଓଡ଼ିଶାର କଳା, ସଂସ୍କୃତି ଓ ଲୋକମାନଙ୍କ ଆତିଥେୟତା ସେମାନଙ୍କୁ ଅଭିଭୂତ କରିଛି ବୋଲି ବର୍ଣ୍ଣନା କରିଥିଲେ । ସେମାନଙ୍କର ୪ ଦିନିଆ ଗସ୍ତରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ କିପରି ଲୁହା ତିଆରି କରାଯାଉଛି, ହୀରାକୁଦ ଡ୍ୟାମ ତଥା ବିଭିନ୍ନ ମନ୍ଦିର ପ୍ରଦର୍ଶନ ଅତ୍ୟନ୍ତ ଖୁସୀ ବୋଲି କହିଥିଲେ । ଲୋକସମ୍ପର୍କ ଅଧିକାରୀ ଅମୃତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଆଇଆଇଏମ୍ ପକ୍ଷରୁ ସିକିମ୍ ପ୍ରତିନିଧିଙ୍କୁ ଉତ୍ତରୀୟ ଓ ମେମେଣ୍ଟୋ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ସିକିମର ଛାତ୍ରଛାତ୍ରୀ ମଧ ଏଥିରେ ଅଂଶଗ୍ରହଣ କରି ନିଜର ପାରମ୍ପରିକ ନୃତ୍ୟକଳା ପ୍ରଦର୍ଶନ କରିଥିଲେ ।

## ଗୌଡ଼ପାଲିରେ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ





ବଲାଙ୍ଗିର: ଖପ୍ରାଖୋଲ ବ୍ଲକର ଗୌଡ଼ପାଲି ଠାରେ ସପ୍ତାହବ୍ୟାପୀ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗୋକୁଳ ତପୋବନମ୍ ଆଶ୍ରମ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୧ କୁଣ୍ଡିୟ ଯଜ୍ଞ, ୨୪ ପ୍ରହର ନାମଯଜ୍ଞ, ସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଚିତ୍ରକୁଟର ଜଗଦ୍‌ଗୁରୁ ଶ୍ରୀ ରାମ ସ୍ୱରୂପାଚାର୍ଯ୍ୟ, ବିଶ୍ୱାତ୍ମା ଚେତନା ପରିଷଦର ଅଧକ୍ଷ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗ ଦେଇଥିଲେ ।

ଏହାଛଡ଼ା ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ, ସ୍ୱାମୀ ସତ୍ୟପ୍ରେମାନନ୍ଦ, ସ୍ୱାମୀ ସତ୍ୟ ଧର୍ମାନନ୍ଦ, ସ୍ୱାମୀ ଶ୍ରୀ ପ୍ରକାଶ ଆନନ୍ଦ, ଶ୍ୟାମା ନନ୍ଦ, ସ୍ୱାମୀ ନିତ୍ୟମୁକ୍ତା ନନ୍ଦ ପ୍ରମୁଖ ସନ୍ଥ ମଧ ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏଥିରେ ଆଖପାଖର ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା ।

## ଗୌର ମଠରେ ଗୌରକଥାମୃତ



ସମ୍ବଲପୁର : ସ୍ଥାନୀୟ ଝାଡୁଆପଡ଼ା ସ୍ଥିତ ଗୌର ମଠ ଠାରେ ୯ଦିନ ବ୍ୟାପୀ ଗୌର କଥାମୃତ ଆୟୋଜିତ ହୋଇ ଯାଇଛି । ବୃନ୍ଦାବନ ନିବାସୀ ଶ୍ରୀ ଦାମକିଙ୍କର ଜୀ ମହାରାଜ (ରାଧେ ରାଧେ ବାବା) ପ୍ରତ୍ୟହ ୩ ଘଣ୍ଟା ଧରି ପ୍ରବଚନ ଦେଇଥିଲେ । ଏଥିରେ ବହୁ ସଂଖ୍ୟକ ଭକ୍ତବୃନ୍ଦ ଯୋଗ ଦେଇ କଥାମୃତ ପାନ କରିଥିଲେ ।

## ଝାରସୁଗୁଡ଼ା ପୌର ପରିଷଦରେ ସାଇକେଲ ବଣ୍ଟନ



ଝାରସୁଗୁଡ଼ା : ଝାରସୁଗୁଡ଼ା ପୌର ପରିଷଦରେ ସାଇକେଲ ବଣ୍ଟନ କରାଯାଇଥିଲା । ସମୁଦାୟ ୧୧୦ ଜଣ କମ୍ୟୁନିଟି ପାର୍ଟନରଙ୍କୁ ସାଇକେଲ ବଣ୍ଟା ଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରବୀର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀଙ୍କୁ ସାଇକେଲ ବାଣ୍ଟିଥିଲେ । ଏହି ଅବସରରେ ପୌରାଧକ୍ଷା ରାନୀ ହାତୀ, ଉପାଧକ୍ଷ ରାଜୁ ପାଣିଗ୍ରାହୀ, ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡିଙ୍କ ସମେତ କାଉନସିଲଗଣ ଏବଂ ମିଶନ ଶକ୍ତି ସଦସ୍ୟମାନେ ଯୋଗ ଦେଇଥିଲେ ।

## ୪୮୧ ଜଣ ସହଭାଗୀଙ୍କୁ ସାଇକଲ ପ୍ରଦାନ



ସମ୍ବଲପୁର: ସ୍ଥାନୀୟ ତପସ୍ୱିନୀ ଅଡିଟୋରିୟମ ଠାରେ ଗୋଷ୍ଠୀ ସହଭାଗିତା ଉତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭାସୀ ମାଧମରେ ଉଦଘାଟନ କରିଥିଲେ । ସମ୍ବଲପୁର ମହାନଗର ନିଗମ ଦ୍ୱାରା ଏଠାରେ ଆୟୋଜିତ ଉତ୍ସବରେ ଜିଲ୍ଲାପାଳ ଅନନ୍ୟା ଦାସ, ଏସଏମସି କମିଶନର ପ୍ରଦୀପ ସାହୁ ଓ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଦିଲ୍ଲୀପ ବଳ ଉପସ୍ଥିତ ରହି ୪୮୧ ଜଣ ସହଭାଗୀଙ୍କୁ ସାଇକଲ ପ୍ରଦାନ କରିଥିଲେ । ଏହି ଅବସରରେ ଜଳ ସାଥୀ, ଆହାର କର୍ମୀ, ସ୍ୱଚ୍ଛ ସାଥୀଙ୍କ ସମେତ ଶତାଧିକ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ଉପସ୍ଥିତ ଥିଲେ ।

## ଧମା ଥାନାରେ ରକ୍ତଦାନ ଶିବିର

ସମ୍ବଲପୁର : ଧମା ଥାନାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଏସଡିପିଓ ପ୍ରଦୀପ ସାହୁ ଉଦଘାଟନ କରିଥିଲେ ।



ଏହି ଶିବିରରେ ମୋଟ ୫୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଭୀମସାର ବୁର୍ଲା ରକ୍ତ ଭଣ୍ଡାରର କର୍ମଚାରୀମାନେ ଏହି ଶିବିରକୁ ପରିଚାଳନା କରିଥିଲେ । ହାବିଲଦାର ଏବଂ କନଷ୍ଟେବଲ ଶାଖା ସଂଘ ସଭାପତି ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରକୁ ଧମା ଥାନାର ସମସ୍ତ କର୍ମଚାରୀ ତଥା ସ୍ୱାଧୀନ ଛତର ଏବଂ ତୁଷାନ୍ତ ସାହୁ ସହଯୋଗ କରିଥିଲେ । ଏସଡିପିଓ ଶ୍ରୀ ସାହୁ ଏବଂ ଆଇଆଇସି ଶ୍ରୀ ପ୍ରଶାନ୍ତ ସାମଲ ନିଜେ ରକ୍ତଦାନ କରିବା ସହ ଅନ୍ୟ ରକ୍ତଦାତାଙ୍କୁ ମାନପତ୍ର ଦେଇ ଉତ୍ସାହିତ କରିଥିଲେ ।

## ସ୍ୱେଚ୍ଛାସେବୀ ସାଥୀଙ୍କୁ ସାଇକେଲ ବଣ୍ଟନ

ବ୍ରଜରାଜନଗର : ବ୍ରଜରାଜନଗର ପୌରାଞ୍ଚଳର ସ୍ୱେଚ୍ଛାସେବୀ ସାଥୀଙ୍କୁ ସାଇକଲ ବଣ୍ଟନ କରାଯାଇଛି । ବିଧାୟିକା ଅଳକା ମହାନ୍ତି ପତାକା ଦେଖାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଆହାର କର୍ମୀ, ସ୍ୱଚ୍ଛ ସାଥୀ, ଜଳସାଥୀ ଓ ମିଶନଶକ୍ତିର ମା'ମାନଙ୍କୁ ସାଇକେଲ ବଣ୍ଟନ କରାଯାଇଛି । ପୌରାଧକ୍ଷା ଯାଜ୍ଞସେନୀ ଓରାମ, ପୌର ଉପାଧକ୍ଷ ଗୋପାଳ ସିତାନୀ, କାଉନସିଲର ପ୍ରଭାତୀ ଗଡ଼ନାୟକ, ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ମୀନା ନାଏକ, ଚାରୁଲତା ପ୍ରଧାନ, ଅମିର କୁମ୍ଭାର, ପଦ୍ମିନୀ ବାଗ, ସନ୍ତୋଷିନୀ ପାଢ଼ୀ, କିରନ ଛତ୍ରିଆ, ମଧୁ ଶ୍ରୀବାସ୍ତବ, ମହେଶ ମୁଲି, ରୁନୁ ବାଗ, ନିକିତା ସେଠ, ମମତା ନାଏକ, ଦ୍ରୌପଦୀ ମେହେର, ମମତା ନାଏକ, ରୁଦ୍ର ଭୋଇ, ଗିରିଶ ଡନସେନା ପ୍ରମୁଖ ଉପସ୍ଥିତ ଥିଲେ ।



Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra